ଧରିତ୍ରୀ
DHARITRI
May 15-21, 2022 ₹2/-

ଛୁଟିଦିନ



# ଗୀତ ପାଇଁ ବଦଳିଲା ଗାଁର ନାଁ

୩
ପ୍ରଚ୍ଛଦ ପ୍ରସଙ୍ଗ

ପ୍ରତ୍ୟେକ ଗାଁର ପରିଚୟ ତା’ ନାଁ କୁ ନେଇ। ହେଲେ ବେଳେବେଳେ ପରିବର୍ତ୍ତିତ ପରିସ୍ଥିତିରେ ବଦଳିଯାଏ ସେ ଗାଁର ନାଁ । ତା’ସହ ଯୋଡ଼ି ହୋଇଯାଏ ନୂଆ ପରିଚୟ। ସେମିତି ରଙ୍ଗବତୀ ଗୀତର ଲୋକପ୍ରିୟତା ପାଇଁ ବିଲୁଙ୍ଗ ଗାଁ ଏବେ ‘ରଙ୍ଗବତୀ ବିଲୁଙ୍ଗ’ ନାମରେ ପରିଚିତ...





## ବାସ୍ତୁ ଅନୁଯାୟୀ

# ଭୋଜନ କରିବାର ନିୟମ

**ବାସ୍ତୁଶାସ୍ତ୍ରରେ ଭୋଜନ କରିବା ଲାଗି ନିର୍ଦ୍ଧାରିତ କେତୋଟି ନିୟମ ରହିଛି। ଯଦି ତାହାକୁ ମାନି ଉଚିତ୍ ଭାବେ ଭୋଜନ କରାଯାଏ, ତା'ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହ ଗୃହରେ ଶାନ୍ତି ବଜାୟ ରହିଥାଏ। ଆଉ ଯଦି ସେଥିରେ କିଛି ବ୍ୟତିକ୍ରମ ଦେଖାଯାଏ, ତା'ହେଲେ ସ୍ୱାସ୍ଥ୍ୟ ଉପରେ ଏହାର ଅନେକ ଖରାପ ପ୍ରଭାବ ପଡିଥାଏ ବୋଲି କୁହାଯାଏ। ଯେମିତିକି:**



✲ ପୂର୍ବ ଦିଗକୁ ମୁହଁ କରି ଭୋଜନ କଲେ ରୋଗ ଓ ମାନସିକ ଚାପ ଦୂର ହୁଏ। ମସ୍ତିଷ୍କକୁ ସ୍ଫୁର୍ତ୍ତି ମିଳିଥାଏ। ଖାଦ୍ୟ ଭଲଭାବେ ହଜମ ହୁଏ। ତେଣୁ ସ୍ୱାସ୍ଥ୍ୟ ଠିକ୍ ରହେ। ବୟସ୍କ ଓ ଅସୁସ୍ଥ ରହୁଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଖାଇବା ଭଲ।

✲ ଯେଉଁମାନେ ଧନ, ବିଦ୍ୟା ଓ ଆଧ୍ୟାତ୍ମିକ ଶକ୍ତି ପ୍ରାପ୍ତ କରିବାକୁ ଚାହାନ୍ତି ସେମାନେ ଉତ୍ତର ଦିଗକୁ ମୁହଁ କରି ଭୋଜନ କରିବା ଭଲ। କ୍ୟାରିୟର ସଚେତନ ଯୁବପିଢି ଓ ବିଦ୍ୟାର୍ଥୀ ମଧ୍ୟ ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ହୋଇଥାଏ।

✲ ସେହିପରି ପଶ୍ଚିମ ଦିଗକୁ ଲାଭର ଦିଗଭାବେ ବିବେଚନା କରାଯାଏ। ବ୍ୟବସାୟ, ଚାକିରି କରିଥିବା ବ୍ୟକ୍ତି ଏହି ଦିଗକୁ ମୁହଁ କରି ଭୋଜନ କରିବା ଲାଭଦାୟକ ସାବ୍ୟସ୍ତ ହୋଇପାରେ।

✲ ଅନ୍ୟପକ୍ଷେ ଦକ୍ଷିଣ ଦିଗକୁ ମୁହଁ କରି ଭୋଜନ କଲେ କୌଣସି ହାନୀ ହୋଇ ନ ଥାଏ। ତେବେ ଯେଉଁମାନଙ୍କର ମାତାପିତା ଜୀବିତ ଅଛନ୍ତି ସେମାନେ ଏହି ଦିଗରେ ଖାଇବା ଉଚିତ ନୁହେଁ। ଯଦି ଏକାଠି ଅନେକ ଲୋକ ବସି ଖାଉଛନ୍ତି ତେବେ କୌଣସି ଦିଗର ପ୍ରଭାବ କାହାରି ଉପରେ ପଡି ନ ଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମେ ୧୫-୨୧

**ମେଷ**: କର୍ମକ୍ଷେତ୍ରରେ ଅନୁକୂଳତା, ମନ ହାଲୁକା ରହିବ, ଋଣ ପରିଶୋଧର ଚିନ୍ତା, ସମସ୍ୟାର ସମାଧାନ, ଈର୍ଷାଳୁଙ୍କ ଶତ୍ରୁତା, ଦୂରଯାତ୍ରାରେ ପ୍ରତିବନ୍ଧକ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ, ସାହିତ୍ୟ ଚଳଚ୍ଚିତ୍ରରେ ସୁଫଳ ପାଇବେ।

**ବୃଷ**: ପାରିବାରିକ ଅଶାନ୍ତି, ଅର୍ଥାଭାବର ଦୁଶ୍ଚିନ୍ତା, ଭାଇଭଉଣୀଙ୍କ ସହ ତିକ୍ତତା। ଯାନ୍ତ୍ରିକ ଜିନିଷ ବିକ୍ରୀ, ଯାତ୍ରା ପାଇଁ ପ୍ରସ୍ତୁତି, ପ୍ରଶାସନିକ ଆଲୋଚନା, ବାଣିଜ୍ୟରେ ଉନ୍ନତି, ପ୍ରତିଯୋଗିତାରେ ସଫଳତା।

**ମିଥୁନ**: କର୍ମକ୍ଷେତ୍ରରେ ପ୍ରତିଷ୍ଠା, ବୈଷୟିକ ଅଭିବୃଦ୍ଧି, ନିର୍ମାଣରେ ଦ୍ୱନ୍ଦ୍ୱ, କଳହକୁ ନିମନ୍ତ୍ରଣ, ବିଦେଶ ଯାତ୍ରାର ସୁଯୋଗ, ନିଷ୍ପତି ନେବାରେ ସମସ୍ୟା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ମାଲିମକଦ୍ଦମାରେ ବିଜୟ, ପବ୍ଲିକେଶନରେ ବିଳମ୍ବ।

**କର୍କଟ**: ବନ୍ଧୁଙ୍କ ସହାନୁଭୂତି, ଆର୍ଥିକ ସାହାଯ୍ୟ, ପାରିବାରିକ ଶାନ୍ତି, ନୂତନ ମିତ୍ରତା, ବିପକ୍ଷ ବ୍ୟକ୍ତିଙ୍କ ନୀରବତା, ବନ୍ଧୁଙ୍କ ଅସ୍ୱାଭାବିକ ଆଚରଣ, କାମ ପୂର୍ଣ୍ଣାଙ୍ଗ ହେବ, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ବିତର୍କ, ମାନସିକ ଅବସାଦ।

**ସିଂହ**: ପାରିବାରିକ ସମସ୍ୟା, ପଡୋଶୀଙ୍କ ପରାମର୍ଶ, ସହକର୍ମୀଙ୍କ ସହାନୁଭୂତି, ନୂତନ ସଂପର୍କ ଯୋଡିବେ, ପ୍ରଶାସନିକ ସାହାଯ୍ୟ, ଖର୍ଚ୍ଚ ପରିମାଣ ବୃଦ୍ଧି, ମାନସିକ ଅସ୍ଥିରତା, ଗଠନମୂଳକ ପରାମର୍ଶ, ରାଜନୈତିକ ନେତୃତ୍ୱ, ଯାନ ବାହାନ କ୍ରୟ, ଏଜେନ୍ସିପର ପ୍ରସାର।

**କନ୍ୟା**: ପ୍ରତିବନ୍ଧକ ଦୂର ହେବ, ସମସ୍ୟା ସମାଧାନ, ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଅନୁକମ୍ପା, କଲ୍ୟାଣମୂଳକ କାର୍ଯ୍ୟାରମ୍ଭ, ସାମାଜିକ ସମ୍ମାନ, ସହଯୋଗପାଇବେ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଯାତ୍ରାସ୍ଥଗିତ ରହିବ, ସମ୍ପର୍କରେ ତିକ୍ତତା, ଶାରୀରିକ ଅସୁସ୍ଥତା।

**ତୁଳା**: ବହୁବିଧ ଯୋଜନାରମ୍ଭ, ଭାବ ବିଭୋର ହେବେ, ନିଜ ଲୋକମାନଙ୍କ ଶତ୍ରୁତା, ପରିସ୍ଥିତି ବଦଳିଯିବ, ମାଙ୍ଗଳିକ କାର୍ଯ୍ୟାରମ୍ଭ, କାର୍ଯ୍ୟହାସଲରେ ତତ୍ପରତା, ସରକାରୀ ସୁବିଧା ପାଇବେ, ଅନ୍ୟମନସ୍କତାରୁ ଦ୍ରବ୍ୟ ନଷ୍ଟ।

**ବିଛା**: ମାନସିକ ଅସ୍ଥିରତା, ଦୈହିକ ଦୁର୍ବଳତା, ଅର୍ଥସଙ୍କଟ, ସନ୍ତାନଙ୍କ କୃତିତ୍ୱ, ସାହିତ୍ୟ କୃତିରୁ ପ୍ରଶଂସା, ମାମୁଲି ଘଟଣାରେ ଉଚ୍ଚବାଚ, ବ୍ୟବସାୟରେ ଉନ୍ନତି, ସମସ୍ୟା ସମାଧାନ, ଶୁଭଖବର ପାଇବେ।

**ଧନୁ**: ଅଧୁରା କାମର ଅଗ୍ରଗତି, ନୂତନ ପ୍ରକଳ୍ପାରମ୍ଭ, ସଙ୍କଟର ସମ୍ମୁଖୀନ, ସରଳ ବିଶ୍ୱାସରୁ ହଇରାଣ, ବନ୍ଧୁପ୍ରସ୍ତାବ ଆସିବ, ରାଜନୈତିକ ଆଲୋଚନା, କଳାସଙ୍ଗୀତରେ ସମ୍ମାନ, ଚଳଚ୍ଚିତ୍ରରେ ସମସ୍ୟା, କ୍ରନିକରୋଗରେ ପୀଡା, ଋଣ ପରିଶୋଧ କରିବେ।

**ମକର**: ପ୍ରିୟଜନଙ୍କ ବୈରିତା, ଟେନ୍ସନ ବଢିଯିବ, ପାରିବାରିକ ସହମତି, ପ୍ରତିବନ୍ଧକର ସାମନା, ବିବାଦରେ ବିଜୟ, ଧର୍ମକାର୍ଯ୍ୟ କରିବେ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ଦୈହିକ ଅସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନ।

**କୁମ୍ଭ**: ପାରିବାରିକ ସୌଖ୍ୟ, କର୍ମଦକ୍ଷତାରୁ ପ୍ରଶଂସା, ସଭାସମିତିକୁ ନିମନ୍ତ୍ରଣ, ଦୈହିକ ଦୁର୍ବଳତା, ନୈରାଶ୍ୟ ଦୂରହେବ, ବନ୍ଧୁଙ୍କ ସାହାଯ୍ୟପ୍ରତିଶ୍ରୁତି, ହିତୈଷୀଙ୍କ ପ୍ରଶଂସା, କରଜଦାତାଙ୍କ ଚାପ, ଚୁକ୍ତିପତ୍ର ସମ୍ପାଦନ।।

**ମୀନ**: ବନ୍ଧୁଙ୍କ ନିମନ୍ତ୍ରଣ, ଦୂରଯାତ୍ରାର ପ୍ରସ୍ତୁତି, ବିଜାତୀୟଙ୍କ ବିତର୍କ, ପରିବହନରେ ସମସ୍ୟା, ମନୋବଳ ଭାଙ୍ଗିବ। କାର୍ଯ୍ୟରେ ଅନାଶକ୍ତ, ଗବେଷଣାରେ ସଫଳତା, ଲେଖାପଢାରେ ତ୍ରୁଟି, କ୍ରୀଡାରେ ନୈପୁଣ୍ୟତା, ପ୍ରକାଶନରେ ବିଳମ୍ବ, ଯାନ୍ତ୍ରିକ ତ୍ରୁଟି।।

# ରୋଗ ପ୍ରତିରୋଧକ ଶକ୍ତି ବଢିବ କେମିତି

ସୁସ୍ଥ ରହିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିବା ନିହାତି ଆବଶ୍ୟକ। କିନ୍ତୁ ଏହି ରୋଗ ପ୍ରତିରୋଧକ ଶକ୍ତି ପ୍ରାକୃତିକ ଉପାୟରେ କିପରି ଶରୀରରେ ବୃଦ୍ଧି ପାଇବ ତାହା ଅନେକଙ୍କୁ ଜଣା ନଥାଏ। ସେଥିପାଇଁ ଏଠାରେ କେତୋଟି ସହଜ ଉପାୟ ଦିଆଗଲା, ଯେମିତିକି: କୁହାଯାଏ, ତୁଳସୀ ଓ ଗୋଲମରିଚର ଚା' ପିଇଲେ ଶରୀର ଫୁର୍ତ୍ତି ଲାଗିବା ସହ ବିଭିନ୍ନ ପ୍ରକାରର ସଂକ୍ରମଣ ସହିତ ଲଢ଼ିବାକୁ ଶକ୍ତି ମିଳିଥାଏ। ସେହିପରି ଗିଲୋୟର ସେବନ ମଧ୍ୟ ଶରୀର ପାଇଁ ଖୁବ୍ ଉପକାରୀ ହୋଇଥାଏ। ଲେମ୍ବୁରସ ପାଚନ କ୍ରିୟାକୁ ସକ୍ରିୟ କରିବା ସହ ଶରୀରରେ ଇମ୍ୟୁନିଟି ବୃଦ୍ଧି କରିଥାଏ। ସେହିପରି ଅଦାରେ ବି ଅନେକ ଔଷଧୀୟ ଗୁଣ ରହିଛି। କୁହାଯାଏ ଗୋଟେ ଚାମଚ ଅଦା ରସ ପିଇଲେ ବିଭିନ୍ନ ସଂକ୍ରମଣରୁ ମୁକ୍ତି ମିଳିଥାଏ। ନିୟମିତ ହଳଦୀ ସେବନ କଲେ ବି ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। କିନ୍ତୁ ଏହାକୁ ସକାଳେ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ। ତା'ଛଡ଼ା ଗୋଟେ ଚାମଚ ମହୁରେ କିଛି ଗୋଲମରିଚ ଗୁଣ୍ଡ ମିଶାଇ ଖାଇଲେ ଥଣ୍ଡା-କାଶରୁ ଉପଶମ ମିଳିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।



# ପାଠକୀୟ

✲ଶ୍ରମ ପାଇଁ ଏମାନେ ଏକାଠି ହୁଅନ୍ତି, ଶ୍ରମ ବିକିବା ପାଇଁ ଅପେକ୍ଷା ରଖନ୍ତି। ପ୍ରତିଦିନ ସକାଳୁ ସକାଳୁ ବିଭିନ୍ନ ଛକ ଜାଗାରେ ଦେଖିବାକୁ ମିଳେ ଏମିତି ଅପେକ୍ଷାରତ ଶ୍ରମିକମାନଙ୍କୁ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଶ୍ରମିକ ହାଟ'ଟି ସତରେ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'କେଉଁଠି ରଖିବେ ଲାଫିଙ୍ଗ୍ ବୁଦ୍ଧ ମୂର୍ତ୍ତି', 'ସୁଖଶାନ୍ତି ବୃଦ୍ଧିରେ ଲୁଣର ଭୂମିକା' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା।

*—ରଜତ ବେହେରା, ଫୁଲନଖରା, କଟକ*

✲ ଉକ୍ତ ସଂଖ୍ୟାର ଛୁଟିଦିନ ପୃଷ୍ଠାରେ ସ୍ଥାନିତ 'ଶ୍ରମିକ ହାଟ' ନାମକ ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ଏକ ନିଆରା ଆଲେଖ୍ୟ ଥିଲା। ଶ୍ରମିକ ଶ୍ରେଣୀୟ ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ବହୁ କଥା ଏଥିରୁ ଜାଣିବାକୁ ମିଳିଲା। ମହିଳାମାନଙ୍କ ପାଇଁ କେଉଁ ଦେଶରେ କେଉଁ ନିୟମ ରହିଛି ସେ ସମ୍ପର୍କିତ କିଛିଟା ନୂଆ କଥା ବିଶେଷ ପ୍ରସଙ୍ଗ 'ମହିଳାଙ୍କୁ ମନା' ନାମକ ଆଲେଖ୍ୟ ଜାଣି ଖୁସି ଲାଗିଲା।

*—ରାକେଶ ପ୍ରଧାନ, ସାତଶଙ୍ଖ, ପୁରୀ*

✲ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ପ୍ରାବନ୍ଧିକ, ଗବେଷକ ମନ୍ମଥ କୁମାର ଶତପଥୀଙ୍କ ସଫଳତାପୂର୍ଣ୍ଣ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ନୂଆ ବାଇକ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଲାଗୁଥିଲା।

*—ଶିବାଂଶ କାନୁନ୍‌ଗୋ, ରବି ଟକିଜ୍, ଭୁବନେଶ୍ୱର*

✲ପ୍ରଶାସନିକ ଅଧିକାରୀ ତଥା କବି ଧନଞ୍ଜୟ ସ୍ୱାଇଁଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମନଛୁଆଁ ହୋଇପାରିଥିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍‌ଭରା ଥିଲା। 'ମିନି ସ୍କର୍ଟ ଫ୍ୟାଶନ' ସମ୍ପର୍କରେ ବହୁ ଅଜଣା କଥା ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ଜାଣିହେଲା। ମଡେଲ୍ ମିରର୍‌ରେ ଆନୀଷା ଖୁବ୍ ସୁନ୍ଦରୀ ଲାଗୁଥିଲେ।

*—ରକୁଲ୍‌ପ୍ରୀତ୍ ମାଝି, ଉମରକୋଟ*

✲ଏଥରର ସହର ପୃଷ୍ଠାଟି ବି ବେଶ୍ ଆଖିଦୃଶୀୟା ଲାଗୁଥିଲା। ସେହିପରି ବିବିଧା ପୃଷ୍ଠାରେ ସ୍ଥାନିତ 'ହାତ ଓ ପାଦର କମାଲ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଡେଙ୍ଗା ପରିବାର', 'ବେଲୁନବାଲୀରୁ ମଡେଲ', 'ବୁଢ଼ିବେନି ଏଇ ହ୍ରଦରେ' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ନିଆରା ବି ଲାଗୁଥିଲା।

*—ଗୁରୁପ୍ରସାଦ ବିଶ୍ୱାଳ, ରାଉରକେଲା*



## ବିଶେଷ ଚିଠି

ପତ୍ରିକା ମଧ୍ୟରେ ତୁମେ ମହାନ୍
ସେଥିପାଇଁ ତୁମେ ସଭିଙ୍କ ଜାନ୍।
ପ୍ରଚ୍ଛଦରେ ତୁମ ଶ୍ରମିକ ହାଟ
ପକାଇଦେଲା ହୃଦେ ଚହଟ।
ସାଥୀର ଉତ୍ତର କଲା କିମିଆ
ଲଗାଇଦେଲା ସେ ମନରେ ନିଆଁ।
ପୁଣି ନିଆରା ତୁମ ସୃଜନ
ସିନେମା ପୃଷ୍ଠାରେ ଲାଗିଗଲା ମନ।
ସତରେ ଛୁଟିଦିନ ତୁମେ ବଢିଆ
ଝୁରୁଛି ଝୁରୁଥିବ ସାରା ଦୁନିଆ।

*—ସ୍ୱୟଂପ୍ରକାଶ ଦାଶ, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com








# ଗୀତ ପାଇଁ ବଦଳିଲା ଗାଁର ନାଁ

**ପ୍ରତ୍ୟେକ ଗାଁର ପରିଚୟ ତା' ନାଁ କୁ ନେଇ। କିନ୍ତୁ କେବେ କେବେ କୌଣସି ପରିସ୍ଥିତିରେ ବଦଳିଯାଏ ସେ ଗାଁର ନାଁ। ତାସହ ଯୋଡି ହୋଇଯାଏ ନୂଆ ପରିଚୟ। ସେମିତି ଏକ ଗାଁର ନାଁ ହେଲା ବିଲୁଙ୍ଗ। ରଙ୍ଗବତୀ ଗୀତର ଲୋକପ୍ରିୟତା ପାଇଁ ଏବେ ଏହି ଗାଁ ରଙ୍ଗବତୀ ବିଲୁଙ୍ଗ ନାମରେ ପରିଚିତ...**

ପ୍ରତ୍ୟେକ ଗାଁର ନାଁ ଅଲଗା ଅଲଗା। ଆଉ ସେଇ ନାଁକୁ ନେଇ ଗାଁର ପରିଚୟ। କିନ୍ତୁ କେବେ କେବେ କୌଣସି ପରିସ୍ଥିତିରେ ବଦଳିଯାଏ ସେ ଗାଁର ନାଁ। ତାସହ ଯୋଡି ହୋଇଯାଏ ନୂଆ ପରିଚୟ। ସେମିତି ଏକ ଗାଁର ନାଁ ହେଲା ବିଲୁଙ୍ଗ। ତେବେ ରଙ୍ଗବତୀ ଗୀତ ପାଇଁ ଏହି ଗାଁର ନାଁ ଏବେ ବଦଳିଯାଇ ରଙ୍ଗବତୀ ବିଲୁଙ୍ଗ ନାଁରେ ନୂଆ ପରିଚୟ ସୃଷ୍ଟି କରିଛି। ସମ୍ବଲପୁର ଜିଲାର ଆଦିବାସୀ ଅଧ୍ୟୁଷିତ କୁଚିଣ୍ଡା ଉପଖଣ୍ଡ ସଦରମହକୁମାଠାରୁ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ଦୂରତା ପ୍ରାୟ ୩୦କିମି ହୋଇଥିବା ବେଳେ ବାମରା ତହସିଲଠାରୁ ଦୂରତା ପ୍ରାୟ ୩୮କିମି । ତେବେ ବାମରା ବ୍ଲକ ଅନ୍ତର୍ଗତ ଜରାବଗା ପଞ୍ଚାୟତ ଅଧୀନରେ ଥିବା ୨ଟି ୱାର୍ଡକୁ ନେଇ ଏହି ବିଲୁଙ୍ଗ ଗ୍ରାମ ଅବସ୍ଥିତ। ଏହି ଗ୍ରାମରେ ପ୍ରାୟ ୨ଶହ ପରିବାର ବାସ କରନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ବଣପାହାଡ଼ ଘେରା ଏକ ନିପଟ ମଫସଲ ଗାଁ। ଗାଁ ମୁଣ୍ଡରେ ପ୍ରାଥମିକ ସ୍କୁଲ, ହାଇସ୍କୁଲ, ଯୁକ୍ତ ଦୁଇ କଲେଜ ସହିତ ପୂର୍ବରେ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ରହିଛି। ଏହାଛଡା ଏକ ଆର୍‌ଆଇ ଅଫିସ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଫରେଷ୍ଟ ଅଫିସ, ଗ୍ରାମଞ୍ଚାୟତ ଅଫିସ ରହିଛି। ଗ୍ରାମର ଅଧିକାଂଶ ଲୋକ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ଗାଁରେ ହାତଗଣତି କେତେଜଣ ସରକାରୀ କର୍ମଚାରୀ ରହିଥିବାବେଳେ ଅଧିକାଂଶ ଲୋକ କିନ୍ତୁ ଦିନମଜୁଆଭାବେ ବିଭିନ୍ନ କାମଦାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ଗ୍ରାମରେ ପଟେଲ, ଗୌଡ଼, ଗଣ୍ଡ, ଲୋଧା, କିଷାନ, କେଉଟ, କୁମ୍ଭକାର ଆଦି ବିଭିନ୍ନ ସମ୍ପ୍ରଦାୟର ଲୋକେ ବାସ କରୁଛନ୍ତି। ଗ୍ରାମରେ ମହିଳାମାନେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇଥାନ୍ତି। ଏହି ଗ୍ରାମର ପର୍ବପର୍ବାଣିଭାବେ ବୈଶାଖ ପୂର୍ଣ୍ଣିମା ଦିନ ଚନ୍ଦନ ଯାତ୍ରା ପାଳିତ ହୋଇଆସୁଛି। ଏହା ଛଡ଼ା ନାମଯଜ୍ଞ, ବିଶ୍ୱକର୍ମା ପୂଜା, ଗଣେଶ ପୂଜା, ସରସ୍ୱତୀ ପୂଜା ଆଦି ପାଳନ ହୋଇଥାଏ। ଏଥିପାଇଁ ୨୦୧୮ରେ କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ ରଙ୍ଗବତୀ କ୍ରୀଡ଼ା ଓ ସଂସ୍କୃତି ଏକାଡେମୀ ନାମରେ ଏକ ସଂଗଠନକୁ ପଞ୍ଜୀକୃତ କରାଯାଇଛି। ଏହି ସଂସ୍ଥାର ସଭାପତି ରୂପାନନ୍ଦ ପଟେଲ ଥିବା ବେଳେ ମିତ୍ରଭାନୁ ଗୌନ୍ତିଆ ସମ୍ପାଦକ ରହିଛନ୍ତି। ଏହି ଗ୍ରାମରେ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଗ୍ରାମର ସମସ୍ତ ଶିକ୍ଷାନୁଷ୍ଠାନର ଉତ୍ସବ ସମୟରେ ରଙ୍ଗବତୀ ଗୀତ ଗାଇବା ବେଳେ ଏହାର ଲେଖକ ଅତିଥିଭାବେ ଯୋଗଦେଇଥାନ୍ତି। ପ୍ରକୃତରେ ପ୍ରସିଦ୍ଧ ରଙ୍ଗବତୀ ଗୀତର ସ୍ରଷ୍ଟା ମିତ୍ରଭାନୁ ଗୌନ୍ତିଆଙ୍କ ନିଜ ଗ୍ରାମ ହେଉଛି ଏହି ବିଲୁଙ୍ଗ। ତେବେ ୨୦୦୪ ମସିହାରେ ଗ୍ରାମରେ ରଙ୍ଗବତୀ ଗୀତର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବିଲୁଙ୍ଗ ଗାଁକୁ ରଙ୍ଗବତୀ ବିଲୁଙ୍ଗ ଭାବେ ନାମିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା, କିନ୍ତୁ ରଙ୍ଗବତୀ ବିଲୁଙ୍ଗ ନାମରେ ସରକାରୀ ମାନ୍ୟତା ପାଇଁ ପ୍ରାୟ ୧୬ ବର୍ଷଧରି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ପରେ ସରକାରୀ ସ୍ତରରେ ଏଥିପାଇଁ ପଦକ୍ଷେପ ନିଆଯାଇଥିଲା । ଏହି ଗୀତର ନାଁକୁ ଗାଁ ନାଁରେ ଯୋଡ଼ିବା ପାଇଁ ଜିଲାପାଳ, ରାଜସ୍ୱ ଆୟୁକ୍ତ ଏବଂ ରାଜ୍ୟ ବୋର୍ଡର ସୁପାରିସକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ କେନ୍ଦ୍ରସରକାରଙ୍କ ନିକଟକୁ ପଠାଯାଇଥିଲା। ରାଜସ୍ୱ ଗ୍ରାମ ବିଲୁଙ୍ଗକୁ ରଙ୍ଗବତୀ ବିଲୁଙ୍ଗ କରିବା ପାଇଁ କୁହାଯାଇଥିଲା। କେନ୍ଦ୍ର ସରକାରଙ୍କ ଗୃହ ବିଭାଗର ଅନୁମୋଦନ ପାଇବାପରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ପକ୍ଷରୁ ଏହି ଗାଁକୁ ବିଲୁଙ୍ଗରୁ 'ରଙ୍ଗବତୀ ବିଲୁଙ୍ଗ' ନାମରେ ସ୍ୱୀକୃତି ମିଳିଲା। ୨୦୨୦ ଜୁଲାଇ ୨୨ରେ ବିଧିବଦ୍ଧଭାବେ ଏହାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଗାଁକୁ ରଙ୍ଗବତୀ ବିଲୁଙ୍ଗ ନାଁ ଭାବେ ପରିବର୍ତ୍ତନ କରାଗଲା ବୋଲି ଉଲ୍ଲେଖ ରହିଛି। ଲୋକକଳା ସଂସ୍କୃତିର ଗ୍ରାମ ରଙ୍ଗବତୀ ବିଲୁଙ୍ଗକୁ ସ୍ୱୀକୃତି ମିଳିବା ପରେ ଅଞ୍ଚଳବାସୀ ଏଥିପାଇଁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି। ରଙ୍ଗବତୀ ଗୀତର ଲୋକପ୍ରିୟତା ଏବଂ ଗୀତ ପଛରେ ରହିଥିବା ବିଶେଷତ୍ୱକୁ ନେଇ ପ୍ରଶାସନ ଏବଂ ସରକାର ରଙ୍ଗବତୀ ବିଲୁଙ୍ଗ ଗ୍ରାମକୁ ସ୍ୱତନ୍ତ୍ର ଦୃଷ୍ଟି ଦେଇଆସୁଛନ୍ତି। ଏଣୁ ଗ୍ରାମବାସୀ ଗ୍ରାମର ନାମ ପରିବର୍ତ୍ତନ ପାଇଁ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ମୁଖ୍ୟତଃ ସମସ୍ତ ଶ୍ରେୟ ଦେଇଛନ୍ତି।


ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଡ. କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପ୍ରଭୁଦତ୍ତ ପ୍ରଧାନ










## ରଙ୍ଗବତୀ ପାଇଁ ପଦ୍ମଶ୍ରୀ

ରଙ୍ଗବତୀ ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କ ଜନ୍ମ ୧୭।୩।୧୯୪୨ରେ। ବୈଶାଖ ପୂର୍ଣ୍ଣିମା ଚନ୍ଦନ ଯାତ୍ରା ବେଳେ। ତାଙ୍କ ପିତାଙ୍କ ନାମ–ସୁଦର୍ଶନ ଗୌନ୍ତିଆ ଏବଂ ମା' ସୁଲୋଚନା ଗୌନ୍ତିଆ । ପ୍ରାଥମିକ ଶିକ୍ଷା ଓ କଲେଜ ପଢ଼ାପରେ ସେ ଘରୋଇଭାବେ ବିଏ, ବିଏଡ୍ ସାରିଛନ୍ତି। କିନ୍ତୁ ତାଙ୍କର ଅନେକ ସୃଜନଶୀଳତାର କୃତିତ୍ୱ ରହିଛି। କିନ୍ତୁ ରଙ୍ଗବତୀ ଗୀତର ଲୋକପ୍ରିୟତା ପାଇଁ ତାଙ୍କୁ ପଦ୍ମଶ୍ରୀ ଉପାଧି ମିଳିଛି।

## –ରଙ୍ଗବତୀ ବିଲୁଙ୍ଗ ଗାଁର ନାଁକୁ ନେଇ ଏମାନେ ଯାହା କୁହନ୍ତି–

ରଙ୍ଗବତୀ ଗୀତ ପାଇଁ ଗୋଟିଏ ଗାଁର ନାମକରଣ ବଦଳିଯିବା ମୋ ପାଇଁ ଖୁସିର ବିଷୟ । ରଙ୍ଗବତୀ ଗୀତ ଆଜି ଦେଶ ଓ ବିଦେଶରେ ସୁନାମ ଅର୍ଜନ କରିଥିବା ବେଳେ, ଲୋକଙ୍କ ଭଲପାଇବା ଥିବାରୁ ସମଗ୍ର କୁଚିଣ୍ଡା ମାଟି ଗର୍ବିତ ।

– **ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ,** ରଙ୍ଗବତୀ ଗୀତର ଲେଖକ।

ରଙ୍ଗବତୀ ଗୀତରେ କଣ୍ଠ ଦାନର ସୁଯୋଗ ପାଇଥିବାରୁ ଗର୍ବ ଅନୁଭବ କରୁଛି । ଏହାଛଡା ରଙ୍ଗବତୀ ଗୀତକୁ ନେଇ ବିଲୁଙ୍ଗ ପୂର୍ବରୁ ରଙ୍ଗବତୀ ନାମକୁ ଯୋଡ଼ା ଯାଇ ରଙ୍ଗବତୀ ବିଲୁଙ୍ଗ ହୋଇଥିବାରୁ ଅତ୍ୟନ୍ତ ଖୁସି। ଏଥିପାଇଁ ଗୀତର ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କ ପାଖକୁ ସମସ୍ତ ଶ୍ରେୟ ଦେବାକୁ ଚାହେଁ ।

–**ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ,** ରଙ୍ଗବତୀ ଗୀତର କଣ୍ଠଶିଳ୍ପୀ।

ରଙ୍ଗବତୀ ଗୀତକୁ ନେଇ ରଙ୍ଗବତୀ ବିଲୁଙ୍ଗ ହେବା ଗର୍ବ ଲାଗୁଛି । ଗୀତର ସ୍ରଷ୍ଟା ଓ ପୁରୁଷ କଣ୍ଠଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିସାରିଥିବା ବେଳେ, ମୋତେ ଏଥିରୁ ବଞ୍ଚିତ କରାଯିବା ବହୁତ କଷ୍ଟ ଦେଇଛି।

–**ଡ. କ୍ରିଷ୍ଣା ପଟେଲ,** ରଙ୍ଗବତୀ ଗୀତର କଣ୍ଠଶିଳ୍ପୀ।

ମିତ୍ରଭାନୁ ପ୍ରାୟ ୮୦ବର୍ଷ ବୟସରେ ମଧ୍ୟ ଆଦିବାସୀ ଲୋକଗୀତ, ପରମ୍ପରା ଓ ଜୀବନଶୈଳୀକୁ ନେଇ ଗବେଷଣା ଜାରିରଖିଛନ୍ତି। ରଙ୍ଗବତୀ ଗୀତ ରଚନା ପାଇଁ ୨୦୨୦ରେ ତାଙ୍କୁ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ମର୍ଯ୍ୟାଦାଜନକ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଛନ୍ତି। ଏହାଛଡ଼ା ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପଶ୍ଚିମ ଓଡ଼ିଶାର ଲୋକଗୀତ ଗବେଷଣା କ୍ଷେତ୍ରରେ ୨୦୨୦ରେ ସିନିୟର ଫେଲୋଶିପ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ଆକାଶବାଣୀ ଜାତୀୟ ପୁରସ୍କାର ଲାଭ କରିଛନ୍ତି। ଏହି ଗ୍ରାମରେ ଥିବା ପର୍ଶୁରାମ ଗୌନ୍ତିଆ ଓ ଯୁକ୍ତ ଦୁଇ କଲେଜର ଅଧ୍ୟକ୍ଷ ସନ୍ତୋଷ ପଟେଲ କୁହନ୍ତି, ରଙ୍ଗବତୀ ଗୀତ ରଚନା ଦ୍ୱାରା ବିଲୁଙ୍ଗ ଗ୍ରାମକୁ ରଙ୍ଗବତୀ ବିଲୁଙ୍ଗରେ ନାମିତ ପାଇଁ ସରକାର ସ୍ୱୀକୃତି ଦେବା ଆମ ଅଞ୍ଚଳବାସୀଙ୍କ ପାଇଁ ଖୁସି ଖବର । ଏହି ରଙ୍ଗବତୀ ଗୀତର ଗୀତିକାର ମିତ୍ରଭାନୁ ଗୌନ୍ତିଆଙ୍କ ବଳିଷ୍ଠ ଉଦ୍ୟମ ଆଜି ରଙ୍ଗବତୀ ବିଲୁଙ୍ଗ ଗ୍ରାମକୁ ସବୁଠାରେ ପରିଚିତ କରାଇପାରିଛି। ଆକାଶବାଣୀର କଳାକାର ଓ ନାଟ୍ୟକାର ସୁରଥଚନ୍ଦ୍ର ନାୟକ କୁହନ୍ତି, ରଙ୍ଗବତୀ ବିଲୁଙ୍ଗ ଗ୍ରାମକୁ ଯାଇ ମିତ୍ରଭାନୁ ଗୌନ୍ତିଆ ଓ ତାଙ୍କ ସାଥି କଳାକାରଙ୍କୁ ନାଟ୍ୟ ନିର୍ଦ୍ଦେଶନା ଦେବା ମୋ ପାଇଁ ଗର୍ବର ବିଷୟ।' ସେହିପରି ସରପଞ୍ଚ ଲାବଣ୍ୟ ନାୟକ କୁହନ୍ତି, ବିଲୁଙ୍ଗ ଗ୍ରାମକୁ ସରକାର ରଙ୍ଗବତୀ ବିଲୁଙ୍ଗ ନାମରେ ନାମିତ କରିଥିବାରୁ ଆମ ପଞ୍ଚାୟତବାସୀ ବହୁତ ଖୁସି। ଏହି ଗ୍ରାମର ଜଣେ କଳାକାର ମଙ୍ଗଲୁ ରଣା କୁହନ୍ତି, 'ମିତ୍ରଭାନୁ ଗୌନ୍ତିଆଙ୍କ ଦ୍ୱାରା ଏହି କଳାର ପ୍ରଚାର ପ୍ରସାର ହେବା ସହ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ସମ୍ମାନ ମଧ ବଢିଛି। ପ୍ରକାଶଚନ୍ଦ୍ର ପଟେଲ କୁହନ୍ତି, ମିତ୍ରଭାନୁ ଗୌନ୍ତିଆଙ୍କ ପାଇଁ ଆଜି ସମଗ୍ର କୁଚିଣ୍ଡା ଅଞ୍ଚଳ ଗର୍ବିତ। ରଙ୍ଗବତୀ ଗୀତ ଯୋଗୁ ଆଜି ଆମ ଜରାବଗା ପଞ୍ଚାୟତ ସମସ୍ତଙ୍କ ନିକଟରେ ପରିଚିତ। ଏଥିପାଇଁ ଆମେ ନିଜକୁ ଧନ୍ୟ ମନେକରୁଛୁ । ଅରୁଣ ପଟେଲ କୁହନ୍ତି, ରଙ୍ଗବତୀ ବିଲୁଙ୍ଗ ନାମରେ ନାମିତ ହେବା ମିତ୍ରଭାନୁ ଗୌନ୍ତିଆଙ୍କ ଅବଦାନ। ଏଥିଯୋଗୁ ଆମ୍ଭେ ଗ୍ରାମବାସୀ ତାଙ୍କଠାରେ ଚିର ଋଣୀ। ଦିଲୀପ ସେନାପତି କୁହନ୍ତି, ଲୋକଗୀତ ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ କରିଆସୁଥିବା ମିତ୍ରଭାନୁ ଗୌନ୍ତିଆଙ୍କୁ ବହୁତ ବହୁତ ଧନ୍ୟବାଦ । ଏହି ଲୋକପ୍ରିୟ ରଙ୍ଗବତୀ ଗୀତରେ କଣ୍ଠଦାନ କରିଥିବା ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଡ କ୍ରିଷ୍ଣା ପଟେଲ ଏବଂ ଏହି ଗୀତର କମ୍ପୋଜର ପ୍ରଭୁଦତ୍ତ ପ୍ରଧାନଙ୍କ ଅବଦାନକୁ ସମସ୍ତେ ସ୍ୱୀକାର କରିବେ। ତେବେ ଓଡ଼ିଶାରେ ଏହି ଗୀତ ନାଁରେ ବିଲୁଙ୍ଗ ଗାଁକୁ ରଙ୍ଗବତୀ ବିଲୁଙ୍ଗ ଭାବେ ସରକାରୀ ସ୍ୱୀକୃତି ମିଳିବା ଏକ ପ୍ରଥମ ଘଟଣା ।

**–ବନବିହାରୀ ବେହେରା, ବିରଞ୍ଚି ନାରାୟଣ ଦର୍ଶା**


ସୁରଥଚନ୍ଦ୍ର ନାୟକ


ସନ୍ତୋଷ ପଟେଲ


ପ୍ରକାଶଚନ୍ଦ୍ର ପଟେଲ


ଦିଲୀପ ସେନାପତି


ଲାବଣ୍ୟ ନାୟକ


ଅରୁଣ ପଟେଲ


ମଙ୍ଗଲୁ ରଣା









# ଚେକ୍ ପ୍ରିଣ୍ଟ ଫ୍ୟାଶନ

**ଚେକ୍ ପ୍ରିଣ୍ଟର ଟ୍ରେଣ୍ଡ କେବେ ବି ଆଉଟ୍ ଅଫ୍ ଫ୍ୟାଶନ ହୁଏ ନାହିଁ। ଏହାର ଚାହିଦା ସବୁବେଳେ ରହିଥାଏ। ମୁଖ୍ୟ କଥା ହେଉଛି ଏହି ପ୍ରିଣ୍ଟର ଭିନ୍ନ ଭିନ୍ନ ଆଉଟ୍‌ଫିଟ୍‌କୁ ଟ୍ରାଏ କଲେ ସ୍ମାର୍ଟ ଲୁକ୍ ବି ମିଳିଥାଏ। ତା'ଛଡ଼ା ଟ୍ରାଡିଶନାଲ୍ ହେଉ ଅବା ୱେଷ୍ଟର୍ନ ଆଉଟ୍‌ଫିଟ୍‌ରେ ମଧ୍ୟ ଏହି ପ୍ରିଣ୍ଟ ଖୁବ୍ ସୁନ୍ଦର ଦେଖାଯାଇଥାଏ। ତା'ହେଲେ ଆସନ୍ତୁ ଜାଣିବା ଚେକ୍ ପ୍ରିଣ୍ଟ ଥିବା କେଉଁ ଆଉଟ୍‌ଫିଟ୍ କିଭଳି ଦେଖାଯାଇଥାଏ...**

**ଚେକ୍ ସେପାରେଟ୍ସ:** ଏଇ କିଛିଦିନ ହେବ ମ୍ୟାଚିଙ୍ଗ୍ ସେପାରେଟ୍ସର ଟ୍ରେଣ୍ଡ ମାର୍କେଟ୍‌ରେ ଖୁବ୍ ଚାଲିଛି। ଆଉ ଯଦି ଏହି ମ୍ୟାଚିଙ୍ଗ୍ ସେପାରେଟ୍ସରେ ଚେକ୍ ପ୍ରିଣ୍ଟ ଥାଏ, ତା' ହେଲେ ତ ଏହା ଆହୁରି ସୁନ୍ଦର ଦେଖାଯାଇଥାଏ। ସେହିପରି ଏହା ସହିତ ପେୟାର୍ କରି ଷ୍ଟେଟ୍‌ମେଣ୍ଟ ଜ୍ୱେଲେରୀ ପିନ୍ଧିଲେ କ୍ଲାସି ଲୁକ୍ ମିଳିଥାଏ।

**ଚେକ୍ କୁର୍ତ୍ତା:** ସ୍ମାର୍ଟ ଲୁକ୍ ପାଇଁ କେବଳ ଯେ ଚେକ୍ ଶାର୍ଟ ପିନ୍ଧିବେ ତା'ନୁହେଁ ଚେକ୍ କୁର୍ତ୍ତା ବି ଟ୍ରାଏ କରିପାରିବେ। ଏହି ପାର୍ଟନର ହାଇନେକ୍‌ବାଲା କୁର୍ତ୍ତା ହେଉ ଅବା କଲର୍ ନ ଥାଇ କେବଳ ଷ୍ଟାଇଲିଶ୍ ନେକ୍ ଡିଜାଇନ୍‌ର କୁର୍ତ୍ତା ବି ବେଶ୍ ଭଲ ଦେଖାଯାଇଥାଏ।

**ଚେକ୍ ଟ୍ରାଉଜର୍ସ:** ଏହି ଆଉଟ୍‌ଫିଟ୍‌ର ବି ବେଶ୍ ଡିମାଣ୍ଡ ରହିଛି ଆଜିର ମଡର୍ନ ଯୁବତୀଙ୍କ ଭିତରେ। ଟି-ଶାର୍ଟ ସହିତ ପେୟାର୍ କରି ଏହାକୁ ପିନ୍ଧିଲେ ଯୁବତୀଙ୍କୁ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

**ଚେକ୍ ଶାଢି:** ଏଥ୍‌ନିକ୍ ଲୁକ୍ ପାଇଁ ଶାଢି ଏକ ଭଲ ଅପ୍ସନ। ଆଉ ଚେକ୍ ଶାଢି, ଏହା ସବୁ ବର୍ଗର ମହିଳାଙ୍କୁ ଖୁବ୍ ସୁନ୍ଦର ମାନିଥାଏ। ବିଶେଷକରି କଟନ୍ ଫାବ୍ରିକ୍ ଶାଢିରେ ଏହି ପ୍ରିଣ୍ଟ ଅଧିକ ଆକର୍ଷଣୀୟ ଲାଗେ। ସେହିପରି ଚେକ୍ ଶାଢି ସହ ମ୍ୟାଚ୍ କରି ପିନ୍ଧୁଥିବା ବ୍ଲାଉଜ୍‌ର ହାତ ଲେନ୍ଥ ଟିକେ ଲମ୍ବା ରହିଲେ ଭଲ ଦିଶେ।

**ଚେକ୍ ଡ୍ରେସ୍:** ବଡ଼ ବଡ଼ ଚେକ୍ସ ପ୍ରିଣ୍ଟ ଥିବା ଡ୍ରେସ୍‌କୁ ପିନ୍ଧିଲେ କାଜୁଆଲ୍ ଲୁକ୍ ମିଳିଥାଏ। ଏହି ଡ୍ରେସ୍‌କୁ ପିନ୍ଧି ଆଉଟିଂରେ ଯିବା ବେଷ୍ଟ ଅପ୍ସନ। ଯଦି ଆପଣଙ୍କୁ ଛୋଟ ଛୋଟ ଚେକ୍ସ ପ୍ରିଣ୍ଟର ଡ୍ରେସ୍ ପିନ୍ଧିବାକୁ ଭଲ ଲାଗେ, ତା'ହେଲେ ଆପଣ ଏହି ପାର୍ଟନ୍‌ର ଫ୍ରକ୍ ଷ୍ଟାଇଲ୍ ଡ୍ରେସ୍ କିଣି ପିନ୍ଧିପାରିବେ।

**ଚେକ୍ ସ୍କାର୍ଫ:** ସ୍କାର୍ଫ ଲୁକ୍‌କୁ ଆହୁରି ଷ୍ଟାଇଲିଶ୍ କରିଦିଏ। ଆପଣଙ୍କ ଲୁକ୍‌ରେ ଷ୍ଟାଇଲ୍ ଷ୍ଟେଟମେଣ୍ଟ ଆଣିବା ପାଇଁ ଚାହୁଁଥିଲେ ଚେକ୍ ସ୍କାର୍ଫ ବ୍ୟବହାର କରନ୍ତୁ। କେବଳ ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ନୁହେଁ ବିଭିନ୍ନ କଲର୍‌ର ଏହି ପାର୍ଟନର ସ୍କାର୍ଫ ମାର୍କେଟ୍‌ରେ ମିଳୁଛି, ତାକୁ ବି ଟ୍ରାଏ କରିପାରିବେ।

**ଚେକ୍ ପଟିଆଲା ପ୍ୟାଣ୍ଟ:** ଏହି ପ୍ୟାଣ୍ଟ ପିନ୍ଧିବାକୁ ଯେତିକି କମ୍ଫର୍ଟେବୁଲ୍ ସେମିତି ସ୍ମାର୍ଟ ଲୁକ୍ ବି ଦେଇଥାଏ। ଆଉ ଚେକ୍ ପ୍ରିଣ୍ଟ ପଟିଆଲା ପ୍ୟାଣ୍ଟର କଥା ହିଁ ନିଆରା। ଖାସ୍ କରି ବଡ଼ ବଡ଼ ଚେକ୍ସ ଥିବା ବ୍ଲାକ୍ ଆଣ୍ଡ ହ୍ୱାଇଟ୍‌ର ଏହି ପ୍ୟାଣ୍ଟ ଖୁବ୍ ଆକର୍ଷଣୀୟ ଲାଗିଥାଏ।







# ଚିତ୍ରରେ ଚିତ୍ରରେ ଜୀବନ











ଶିଳ୍ପୀଙ୍କ ହାତତିଆରି କଳାକୃତି କେବଳ ଦେଖିବାକୁ ସୁନ୍ଦର ହୋଇ ନ ଥାଏ, ଏହା ସେହି ରାଜ୍ୟର କଳାସଂସ୍କୃତି ଓ ଐତିହ୍ୟକୁ ବେଶ୍ ସମୃଦ୍ଧ କରିଥାଏ । ସେମିତି ଜଣେ ଶିଳ୍ପୀ ସାମ୍ପ୍ରତିକ ସମାଜର ବିଭିନ୍ନ ଘଟଣାବଳୀକୁ ଆଧାରକରି ତାଙ୍କ ଚିତ୍ରକଳାରେ ସ୍ଥାନଦେଇଥାନ୍ତି । ପୁଣି କେତେବେଳେ ପରିବେଶପ୍ରତି ନଜର ରଖି ବନ୍ୟପ୍ରାଣୀଙ୍କ ସୁରକ୍ଷାନେଇ ଚିତ୍ରକଳାରେ ଜନସଚେତନତା ସୃଷ୍ଟି କରିଥାନ୍ତି । ଏମିତିରେ ସେ ଉପକୂଳବର୍ତ୍ତୀ ଓଡ଼ିଶାର ଲୋକକଳାକୁ ନେଇ ଏକ ସନ୍ଦର୍ଭ ପ୍ରସ୍ତୁତ କରିଛନ୍ତି । ତାଙ୍କର କଳାକୃତି ପାଇଁ ବିଭିନ୍ନ ସଂସ୍ଥା ସମେତ ଓଡ଼ିଶା ଲଳିତକଳା ଏକାଡେମୀ ତରଫରୁ ତାଙ୍କୁ ମିଳିଛି ପୁରସ୍କାର ଓ ସମ୍ମାନ । ସେ ହେଲେ ଅନୁପ କୁମାର ଚାନ୍ଦ । ଜନ୍ମ ୨୦।୫।୧୯୭୩ରେ । ପିତା ସୁଶୀଲ କୁମାର ଚାନ୍ଦ, ମାତା ଆଶାଲତା ଚାନ୍ଦ । ଘର ବାଲେଶ୍ୱର ଜିଲାର ଭୋଗରାଇରେ । ସେ କୁହନ୍ତି, ମୋର ୨ଭାଇ ଓ ୨ଭଉଣୀ । ପରିବାରରେ ମୁଁ ସମସ୍ତଙ୍କଠାରୁ ସାନ । ପିଲାଟିଦିନୁ ଘରେ ସବୁବେଳେ ମା'ଙ୍କ ସାଥିରେ ରହିଥାଏ । ମା' ଯେତେବେଳେ ଘରେ ଝୋଟି ପକାଉଥିଲେ ସେସବୁକୁ ଅନୁକରଣ କରୁଥିଲି । ସେବେଠାରୁ ନିଜେ ଝୋଟି ପକାଇବା ଅଭ୍ୟାସ ଜାରିରଖିଲି । ଘରେ ସୁନ୍ଦର ସୁନ୍ଦର ଝୋଟି ପକାଉଥିବାର ଦେଖି ମତେ ସମସ୍ତ ବହୁତ ଉତ୍ସାହିତ କରୁଥିଲେ । ଥରେ କେତୋଟି ପାଚିଲା ତାଳକୁ ନେଇ ସେଥିରେ ବିଭିନ୍ନ କଳାକୃତି ତିଆରି କରିଥିଲି । ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚିତ୍ରକଳାକୁ ଅଙ୍କନ କରିଥିଲି । ଏଥିରେ ପରିବାରର ସଦସ୍ୟମାନେ ବହୁତ ପ୍ରଶଂସା କରିଥିଲେ । ସେବେଠାରୁ ଆଉ ପଛକୁ ଫେରି ଚାହିଁ ନାହିଁ । ଏମିତିରେ ଗାଁରେ ଆୟୋଜିତ ବିଭିନ୍ନ ଉତ୍ସବରେ ପାରମ୍ପରିକ ଚିତ୍ର କରିବା ପାଇଁ ସୁଯୋଗ ମିଳୁଥିଲା । ଭୋଗରାଇ ଫିଡର ସ୍କୁଲରେ ପ୍ରାଥମିକ ଶିକ୍ଷା ଓ ନାମ୍ପୋ ହାଇସ୍କୁଲରେ ୧୦ମ ପାସ୍ କରିବାପରେ ଭୁବନେଶ୍ୱର ବିକେ ଆର୍ଟ କଲେଜରେ ପଢ଼ିଲି । ସେତେବେଳେ ଏଇ କଲେଜରେ ବ୍ୟୋମକେଶ ମହାନ୍ତି ଥା'ନ୍ତି । କଲେଜର ଅଧ୍ୟକ୍ଷଭାବେ ଦୀନନାଥ ପାଠୀଙ୍କଠାରୁ ଚିତ୍ରକଳା ଶିକ୍ଷା ପାଇଥିଲି । ୧୯୯୩ରେ ବିକେ ଆର୍ଟ କଲେଜରୁ ଚିତ୍ରକଳାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲି । ଅଧିକ ଚିତ୍ରକଳା ଶିକ୍ଷା ପାଇଁ ମଧ୍ୟପ୍ରଦେଶର ଇନ୍ଦିରା କଳାସଙ୍ଗୀତ ବିଶ୍ୱବିଦ୍ୟାଳୟରେ ପଢ଼ିଲି । ସେଠାରେ ଆଦିବାସୀ ଲୋକକଳା ସମ୍ପର୍କରେ ଶିକ୍ଷା ଲାଭ କଲି । ୧୯୯୬ରେ ଖଇରାଗଡ଼ ଇନ୍ଦିରା କଳାସଙ୍ଗୀତ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲି । ଏହି ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟରେ ଚିତ୍ରକଳାକୁ ନେଇ ଗବେଷଣା ଜାରି ରଖିଲି । ତାସହ ଅଧ୍ୟାପନା କାର୍ଯ୍ୟ ବି କରୁଥିଲି । ଗବେଷଣାପରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲି । ଏହାପରେ ବୁନ୍ଦେଲଖଣ୍ଡ-ଝାନ୍‌ସୀରେ ସ୍ୱଳ୍ପ ସମୟ ପାଇଁ ଅଧ୍ୟାପନା କାର୍ଯ୍ୟ କରିଥିଲି । କିନ୍ତୁ ମୋର ଭାବନାରେ ମୁଁ ଜଣେ ସମକାଳୀନ କଳାକାର । ଆଖପାଖ ପରିବେଶର ବିଭିନ୍ନ ଘଟଣାବଳୀକୁ ନେଇ ସେଥିରେ ଭାବନାକୁ ଯୋଡ଼ିଯୋଡ଼ି କେତେକ କାଳ୍ପନିକ ଚିତ୍ର ତିଆରି କରିଥାଏ । ଯାହା ସମାଜରେ ସୁପ୍ରଭାବ ପକାଇପାରିବ । ଏଥିରୁ ସ୍ୱତନ୍ତ୍ର ଚିତ୍ରକଳା ସୃଷ୍ଟିହୁଏ । ଯାହା କାହାରି ମନରେ ଯେପରି ନିରାଶ ନ ଭରିବ ବରଂ ସକାରାତ୍ମକ ପ୍ରଭାବ ପକାଇପାରିବ, ଏମିତି କ୍ଷେତ୍ର ପ୍ରତି ସର୍ବଦା ଚିନ୍ତାକରି ଚିତ୍ରକରେ । ବିଶେଷକରି କାଳ୍ପନିକ ଚିତ୍ର ଓ ବାଘଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଚିତ୍ରକଳା ତିଆରି କରିପାରିଛି । ଅଷ୍ଟ୍ରେଲିଆ, ସିଙ୍ଗାପୁର, ମାଲେସିଆ ଆଦି ବିଦେଶ ରାଷ୍ଟ୍ରରେ ଏହି ଚିତ୍ରକଳାକୁ ପ୍ରଦର୍ଶନ କରାଯାଇଛି । ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ଓ ସମ୍ମାନିତ ମଧ୍ୟ ହୋଇଛି । ୨୦୨୧ରେ ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ପୁରସ୍କୃତ, ୧୯୯୭ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଜୁନିୟର ରିସର୍ଚ୍ଚ ଫେଲୋଶିପ ମିଳିଛି । ୨୦୦୨ରେ ମହାକୋଶଳ କଳାପରିଷଦରୁ ଓ ୨୦୧୦ରେ ଅଲ୍‌ଇଣ୍ଡିଆ ଫାଇନ ଆର୍ଟ ଆଣ୍ଡ କ୍ରାଫ୍ଟ ସୋସାଇଟି ତରଫରୁ ପୁରସ୍କୃତ ହୋଇଛି । ଦକ୍ଷିଣ କେନ୍ଦ୍ରୀୟ ଜୋନ୍ ସାଂସ୍କୃତିକକେନ୍ଦ୍ର ନାଗପୁର ଦ୍ୱାରା ମଧ୍ୟ ପୁରସ୍କୃତ ହୋଇଛି । ଓଡ଼ିଶା ରାଜ୍ୟ ଯୁବ ପୁରସ୍କାର, ଛତିଶଗଡ଼ରେ ସମକାଳୀନ କଳା ଉପରେ ଏକ ପୁସ୍ତକ ଲେଖିଛି । କଳା ଓ ସଂସ୍କୃତି ଉପରେ ଆଧାରିତ ୩୦ରୁ ଊର୍ଦ୍ଧ୍ୱ ଲେଖା କେତେକ ପ୍ରତିଷ୍ଠିତ ମାଗାଜିନରେ ପ୍ରକାଶିତ ହୋଇସାରିଛି । ବ୍ୟକ୍ତିତ୍ୱ ଓ କୃତିତ୍ୱ ନାମକ ଏକ ଗବେଷଣା ଗ୍ରନ୍ଥରେ ମୋ ସମ୍ପର୍କରେ ପ୍ରକାଶିତ ହୋଇଥିବା ବିଷୟକୁ ଦୀପିକା ପୁଣ୍ଡିରକଙ୍କ ଦ୍ୱାରା ୨୦୧୩ ମସିହାରେ ରାଜସ୍ଥାନ ବନସ୍ଥଳୀ ବିଦ୍ୟାପୀଠ ଓ ଜୟପୁରରେ ଉପସ୍ଥାପିତ କରାଯାଇଛି । ଭୁବନେଶ୍ୱର, ରାୟପୁର, ବିଳାସପୁର, ମୁମ୍ବାଇ ଓ ନୂଆଦିଲ୍ଲୀ ଆଦି ପ୍ରାୟ୧୦ଟି ସ୍ଥାନରେ ଏକକ ଚିତ୍ରକଳା ପ୍ରଦର୍ଶନୀ କରାଯାଇଥିବା ବେଳେ ପ୍ରାୟ ୨ଶହରୁ ଅଧିକ ଚିତ୍ରଶିଳ୍ପୀଙ୍କ ଶିବିରରେ ଗ୍ରୁପ ଶିଳ୍ପୀକାରିଗରଙ୍କ ଦ୍ୱାରା ବିଭିନ୍ନ ଚିତ୍ରକଳା ପ୍ରଦର୍ଶନୀ ହୋଇସାରିଛି । ଶତାଧିକ କଳାକାର ଓ କାରିଗରଙ୍କ ଶିବିରରେ ଚିତ୍ରକଳା ପାଇଁ ଯୋଗ ଦେଇସାରିଛି । ଚିତ୍ରକଳାକୁ ନେଇ ମୋ କାମରେ ପତ୍ନୀ ଶୁଭ୍ରା ଚାନ୍ଦ ସହଯୋଗ କରିଥାନ୍ତି । ତେବେ ସମାଜରେ ଜଣେ ଚିତ୍ରଶିଳ୍ପୀଭାବେ ମୋର ପରିଚୟ ତିଆରି ହୋଇପାରିଥିବାରୁ ମୋତେ ଆତ୍ମସନ୍ତୋଷ ମିଳୁଛି ।

-ବନବିହାରୀ







# ଲୋଡ଼ିବା ପଣ

-ଡ଼. ସୁରେଶ ନାୟକ

କେହିବୋଲି କେହି ନାହିଁ

ଏ ଆଖିଡୋଳା ପଛରେ ଗୋଟେ ଘର ଖାଲି ପଡ଼ିଛି।
ଦୁଇଟି ନିଶବ୍ଦ ଛାଇର ଚଳପ୍ରଚଳ ଲାଗିଛି ଭିତରକୁ।
ଆହାଃ ! ମୁଁ କେଉଁ ଶବ୍ଦର ଦେହ ଧରି ପଶିପାରନ୍ତିକି
ଘର ଭିତରେ !

ନାଚାର ମୁଁ
ନା ଭାଙ୍ଗି ପାରୁଛି ନା ଗଢି ପାରୁଛି ଏଇ ଟିକକ ପୃଥିବୀ
ଗଛର ଉଚ୍ଚା ଡାଳରୁ ପତ୍ରଟେ ଖସୁଛି ମୋ' କାନ୍ଧ
ଉପରେ।

-ପୁଡୁଚେରୀ
ମୋ:୯୦୪୩୦୮୭୪୫୬



# ଛାଇ

- ଡ଼. ଗଣେଶ୍ୱର ଜେନା

ମୋତେ କଣ ସତରେ ଏତେ ଭଲପାଅ !
ମୋ ପାଦରେ ପାଦ ମିଶେଇ ଚାଲୁଥାଅ
ଦୁଃଖରେ ମୋ ପାଶେ,
ସୁଖରେ ବି ମୋ ପାଶେ
ମୋ ଦୁଃଖରେ କାନ୍ଦ କି ନାହଁ ଜାଣିନାହିଁ
ମୋ ସୁଖରେ ତୁମେ ହସିବା ମୁଁ ଦେଖିନାହିଁ
ନିଝୁମ ରାତିର ଅନ୍ଧାର ଗଳିରେ
ଯେବେ ମୁଁ ସାଉଁଣ୍ଟୁଥାଏ ମୋ ସ୍ମୃତି
ଖୋଜିଲେ ମୁଁ ପାଏନି ତୁମକୁ
ଜହ୍ନ ଉଇଁଲେ, ଯେବେ ମୁଁ ଜହ୍ନ ସହ କଥାହୁଏ
ମୋ ଦେହକୁ ଲାଗି ବସିଥାଅ ତୁମେ
ସିନ୍ଦୁରା ଫାଟିବାଠାରୁ ଦୂର ଦିଗବଳୟରେ
ସୁରୁଜ ଲିଭିଗଲା ଯାଏଁ
ମୋ ପାଖେ ପାଖେ ରହିଥାଅ ତୁମେ

ମୋ ବାସ୍ନାର ଚୁମ୍ବକରେ ମୋ ଦେହେ ଲାଗିଯାଅ
କିନ୍ତୁ ଶିତଳେଇଦିଅ ଆଉ କାହାକୁ
ମୋତେ ଟିକେ ଶିତଳେଇବାକୁ
କ'ଣ କେବେ ତୁମ ହୁଏନା ମନ
ମୋତେ ଟିକେ ଆଲିଙ୍ଗନ କରିବାକୁ
ତୁମର କ'ଣ କେବେ ହୁଏନି ଇଛା
ଦୁଇଟି ଶରୀର ଆମ ଗୋଟିଏ ଆତ୍ମା
ତୁମ ଭିତରେ ଖୋଜୁଥାଏ ମୁଁ ମୋର ସତ୍ତା
ଭାବୁଥାଏ କହିବାକୁ ମୋ
ମନର ଅବ୍ୟକ୍ତ କଥା
କାହିଁକି ନା ତୁମେ ହିଁ ତ
ମୋ ନିଃସଙ୍ଗତାର ସାଥି
ଜୀବନ ଯୁଦ୍ଧରେ ଚିରକାଳ ପାଇଁ
ବନିଗଲ ମୋ ସାରଥି

ଯିଏ ଥିଲେ ମୋର ଅତି ଆପଣାର
ପଛ କରି ଚାଲିଗଲେ କରିଦେଇ ପର
ତୁମେ ତ କରିଛ ପଣ
ନ ଭାଙ୍ଗିଛ କେବେ ତୁମ ଟାଣ
ତୁମେ ତ ମୋ ନିଃଶ୍ୱାସ
ତୁମେ ପୁଣି ମୋ ବିଶ୍ୱାସ
ନିଃଶ୍ୱାସ ଛାଡିବା ଯାଏଁ ଭାଙ୍ଗିବ ନାହିଁ ବିଶ୍ୱାସ
ବଞ୍ଚିଥିବି ତୁମକୁ ମୁଁ ସାଥି କରି
ଛ ଖଣ୍ଡ କାଠରେ ହେବାଯାଏଁ ସାରି
ଯେବେ ମୁଁ ଜଳୁଥିବି ଜୁଇରେ
ହୋଇଯିବ ସତୀ ତୁମେ ମୋ ସାଥିରେ
ପୁଣି କେବେ ଭେଟ ହେବା
ଆଉ କୋଉ ପୁରରେ ଆଉ ଏକ ଜନ୍ମରେ।

-ୟୁନିଟ୍ ୩, ଭୁବନେଶ୍ୱର, ମୋ: ୯୪୩୭୦୮୨୨୬୬

# ଭାଗ

-ଶ୍ରୀଗୋବିନ୍ଦ

ମୋର ଜଣେ ପୁରୁଣା ପ୍ରେମିକା ହଠାତ୍ ଦିନେ ଫୋନ୍ କଲା । ମୁଁ ବାଥ୍‌ରୁମ୍‌ରେ, ସ୍ତ୍ରୀ ଫୋନ୍ ଉଠାଇଲା । ବିବାହ ପରଠାରୁ ବୋଧେ ଏହା ଥିଲା ତା'ର ପ୍ରଥମ କଲ୍, ତାହା ପୁଣି ମୋ ସ୍ତ୍ରୀ ହାତରେ । ହାଲୋ...ହାଲୋ କରି ନ ଶୁଭିଲା ପରି ଫୋନ୍‌ଟା କାଟି ଦେଇଥିଲେ, ଚଳିଥାନ୍ତା । କିନ୍ତୁ ସେ ସେପଟରୁ କହିଥିଲା-ମୁଁ ସୁଶ୍ରୀ କହୁଛି । ବାସ୍, ଏତିକିରେ ମୋ ସ୍ତ୍ରୀକୁ ଆଉ ପାରେ କିଏ ? ପୋଡ଼ାମୁହିଁ, ବାହା ତ ହୋଇଗଲୁଣି, ଆଉ କ'ଣ ମନ ଛାଡ଼ିନି, ଶେଷରେ ମୋ ପ୍ରେମରେ ଭାଗ ବସାଇବାକୁ ଚାଲିଆସିଲୁ ? ଏମିତି କେତେ ଗାଳି । ସେ ସେପଟରୁ ଯାହା କିଛି କହିବାକୁ ଚାହୁଁଥିଲେ ବି ଇଏ ଏପଟୁ ଶୁଣିବା ସ୍ଥିତିରେ ଜମା ନ ଥିଲା ।

-ଶୁଣ ଭଉଣୀ..ମୋର ସେମିତି କିଛି ଉଦ୍ଦେଶ୍ୟ ନାହିଁ, ମୁଁ ଗୋଟେ ଖରାପ ଖବରଟେ ଶୁଣିଲି, ସେଥିପାଇଁ ମନ ନ ଥିଲେ ବି ବାଧ୍ୟ ହୋଇ ଫୋନ୍ କଲି । ସୁଶ୍ରୀର କଥା ସରି ନ ଥିଲା, ଇଏ ଏପଟରୁ ଗର୍ଜି ଗର୍ଜି କହିଲା- ଭଉଣୀ ନା ସଉତୁଣୀ... ଏମିତି କି ପ୍ରେମ ବଳିପଡ଼ିଲା ଯେ ଖବର ରଖିବାକୁ ଫୋନ୍ କରୁଛୁ । ଏ ଟୋକା ବାହାନା କରି ସବୁବେଳେ ଖସିଯାଏ, ମୁଁ ଧରିପାରେନାହିଁ । ମୋ ହାବୁଡ଼ରେ ଆଜି ତୁ ପଡ଼ିଗଲୁ ବୋଲି ବାହାନା କରୁଛୁ । ଲୁଚି ଲୁଚି ଏତେ ପ୍ରେମ...ସେମିତି ଯଦି ତମର ଇଚ୍ଛା ଥିଲା ବାହା ହୋଇପଡ଼ିଲନି...ମୋତେ କାହିଁକି ମଝିରେ ପସାଉ ଥିଲ ।

ମୁଁ ବାଥ୍‌ରୁମ୍‌ରୁ ବାହାରିଛି କି ନାହିଁ ଫୋନ୍ ରଖି ଏପଟେ ମୋ ସ୍ତ୍ରୀ ଆରମ୍ଭ କରିଦେଲା ମହାଭାରତ । ମୁଁ ଯେତେ କହିଲେ ବି ମାନି ନ ଥିଲା । ଆଗରୁ ଯାହା ଥିଲା... ଥିଲା ଏବେ ଆଉ ସୁଶ୍ରୀ ସହିତ କଥା ହେଉନାହିଁ, ସେ କ'ଣ ମାନେ ? ଝଗଡ଼ା ଏତେ ତୀବ୍ର ହେଲା ଯେ ଶ୍ୱଶୁରଘର ଯାଏ କଥା ଗଲା ଓ ବିବାଦର ସମାଧାନ ହେଉ ହେଉ ମାସେ ଚାଲିଗଲା ।

କିଛିଦିନ ପରେ ପଡ଼ିଥିଲା ସାବିତ୍ରୀ ବ୍ରତ । ଶ୍ୱଶୁର ବୁଢ଼ା ହୋଇଯିବାକୁ ଶଳା ବାହାର କମ୍ପାନୀରେ ଚାକିରି, ତେଣୁ ସାନଶାଳୀ ସାବିତ୍ରୀ ଭାର ନେଇ ଆସିଥିଲା । ପ୍ଲସ୍ ଥ୍ରୀ ପରେ କମ୍ପିଟେଟିଭ୍ ପ୍ରିପେୟାର ହେଉଛି । ମୋ ସ୍ତ୍ରୀଠାରୁ ଯଦିଓ ଟିକେ କମ୍ ସୁନ୍ଦରୀ କିନ୍ତୁ ଫିଜିକ୍ ପରି ଚାହାଣି କିନ୍ତୁ ଚୋଖା । ଯେ କେହି ପ୍ରେମରେ ପଡ଼ିଯିବା ସହଜ । ମୋର ମୋ ଶାଳୀ ପ୍ରତି ଅନେକ ଦୁର୍ବଳତା ଥିଲେ ବି ମୋ ସ୍ତ୍ରୀ ଭୟରେ ଥଟ୍ଟାତାମସାରେ ବି ଲାଗି ପାରେନି । ଅବଶ୍ୟ ସମୟ ସୁବିଧା ଦେଖି ଶାଳୀ-ଭିଣୋଇର ହାଲ୍କା ଏପିସୋଡ୍‌ଟେ ଆରମ୍ଭ କରିଦେଉ । ପାଖ ମାର୍କେଟ ଯାଉ, ଶପିଂ କରୁ, ଗୁପ୍‌ଚୁପ୍ ଖାଉ । ଏହି ଯିବା ଆସିବା ଭିତରେ ଯେତିକି ପ୍ରେମ ହୁଏ, ସେତିକିରେ ସନ୍ତୁଷ୍ଟ ହୋଇଯିବାକୁ ପଡ଼େ । ସ୍ତ୍ରୀ ଥାଉ ଥାଉ ଶାଳୀ ପ୍ରେମ ଯେ କେଡ଼େ ମହଙ୍ଗା, ତାହା ମୁଁ କ'ଣ, ଦୁନିଆ ଜାଣିଛି !!

ମୋ ସ୍ତ୍ରୀ ସେପଟ ଘରେ ସାବିତ୍ରୀ ବ୍ରତ ବାନ୍ଧୁଛି । ମୁଁ ସୋଫା ଉପରେ, ମୋ କୋଳରେ ଶାଳୀ । ଟିଭିରେ ହାଇ ଭଲ୍ୟୁମ୍ । ମୋ ବେକରେ ହାତ ଛନ୍ଦି ଝୁଲିପଡ଼ିଛି, ମୋ ଗାଲରେ କିସଟେ ଦେବା ବେଳକୁ ତା' ଭଉଣୀ ଆସି ହାଜର । ଏଇ ଅବସ୍ଥାରେ ମୋର ପିଳେହିପାଣିକୁ ସେ ଜମା କୋଳରୁ ଘୁଞ୍ଚୁ ନ ଥାଏ । ପରିସ୍ଥିତିକୁ ସହଜରେ ଶାଳୀ କିନ୍ତୁ ଏଡ଼ାଇ ଦେଇଥିଲା । କହିଥିଲା- ଆଜି ସାବିତ୍ରୀ ବ୍ରତରେ ମୁଁ ଦେଖୁଥିଲି ତୋର ଧୈର୍ଯ୍ୟ କେତେ । ମୁଁ ଜାଣିଥିଲି ତୁ ପୂଜା ସାରି ଆସିବୁ, ତେଣୁ ଜିଜୁ ମୋତେ ପ୍ଲାନ୍ କରି ଏଭଳି ଗେମ୍‌ଟେ ତିଆରି କରିଥିଲେ । ଦେଖୁଥିଲି ତୁ କ'ଣ କହୁଛୁ ? ମୋ ସ୍ତ୍ରୀ ଟିକେ ମହାନତା ଦେଖାଇ କହିଲା- ମୁଁ କ'ଣ ମୋ ଭଉଣୀକୁ ଚିହ୍ନିନି ? ତୁ ଯେତେ କହିଲେ ବି ମୁଁ କେବେ ବିଶ୍ୱାସ କରିବିନି । ଏକଥା ଶୁଣି ମୋ ଗାଲରେ ସତ ଚୁମାଟିଏ ଶାଳୀ ଆଙ୍କିଦେଇ କହିଲା- ଦେଖିଲ ତ ଭିଣୋଇ ଭାଇ, ମୋ ଭଉଣୀ କେତେ ଭଲ । ତମ ପ୍ଲାନ୍ ଆଜି ଫେଲ୍ ମାରିଗଲା ।

ମୋ ଶାଳୀର ଏଭଳି ଉପସ୍ଥିତ ବୁଦ୍ଧି ଦେଖି ମୁଁ କିନ୍ତୁ ମନେ ମନେ ହସୁଥିଲି, ଆଉ ଭାବୁଥିଲି-ଇଏ ବି କୋଉ କମ୍ ଭାଗ ବସେଇଛି କି ପ୍ରେମରେ !!

*-ସାନମଛୁଆଘାଇ, ରାଜଘରପୋଖରୀ, ଭଦ୍ରକ,*
*ମୋ:୭୦୦୮୯୧୩୫୮୯*



# ଚିନ୍ତା କରୁଛନ୍ତି ଦୀପିକା


ଦୀପିକା

ଦୀପିକା ପାଦୁକୋନ୍ ଏବେ ଚିନ୍ତା କରୁଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ଖୁବ୍ ଶୀଘ୍ର ସେ ଡିଜିଟାଲ ପ୍ଲାଟଫର୍ମରେ ଏଣ୍ଟ୍ରି କରିବାକୁ ଯୋଜନା କରୁଛନ୍ତି। ସେପଟେ ଏ ନେଇ ତାଙ୍କୁ କେତୋଟି ଅଫର ମଧ୍ୟ ମିଳିସାରିଲାଣି। ଏ ନେଇ ଦୀପିକା କହନ୍ତି, 'ବର୍ତ୍ତମାନ ଡିଜିଟାଲ ପ୍ଲାଟଫର୍ମର ଚାହିଦା ବେଶୀ। ମୁଁ ମଧ୍ୟ କେତେଥର ଏଥିରେ କେତୋଟି ୱେବ୍ ସିରିଜ ଦେଖିଛି। ଅନ୍ୟପକ୍ଷରେ କେତେକ ବଲିଉଡ୍ ଷ୍ଟାର ଏବେ ଏହି ପ୍ଲାଟଫର୍ମ ମୁହାଁ ହୋଇଛନ୍ତି। ମୋ ମତରେ ଦର୍ଶକଙ୍କର ନିକଟତର ହୋଇ ରହିବାର ଏହା ଅନ୍ୟତମ ପ୍ରମୁଖ ମାଧ୍ୟମ। ଏ ନେଇ ମୋତେ କେତୋଟି ଅଫର ମିଳିଛି। ତେବେ ବର୍ତ୍ତମାନ ମୋର ବିଜି ସିଡ୍ୟୁଲ ଭିତରେ ସେଥିପାଇଁ ସମୟ ବାହାର କରିବା କଷ୍ଟକର। ତେଣୁ ଏଥିପାଇଁ ମୁଁ ଚିନ୍ତା କରୁଛି। ଯଦି ସମୟ ମିଳେ ତେବେ ଦର୍ଶକ ମୋତେ ୱେବ୍ ସିରିଜ୍‌ରେ ଦେଖିବାକୁ ପାଇବେ।' ଚଳିତ ବର୍ଷ ତାଙ୍କ ହାତରେ ତିନୋଟି ସିନେମା- 'ଗେହରାଇୟାଁ', 'ସର୍କସ' ଏବଂ 'ପଠାନ୍' ରହିଛି। 'ସର୍କସ' ଫିଲ୍ମର ନାୟକ ତାଙ୍କର ପତିଦେବ ରଣବୀର ସିଂ ସାଜିଥିବା ବେଳେ 'ପଠାନ୍' ଚିତ୍ରରେ ଦୀପିକାଙ୍କ ଅପୋଜିଟ୍‌ରେ ଅଛନ୍ତି ଶାହରୁଖ ଖାଁ।


ଦିଶା

# ବିଶ୍ୱରୂପଙ୍କ ନୂଆ ଅବତାର


ବିଶ୍ୱରୂପ

ଅଭିନେତା ବିଶ୍ୱରୂପ ଖୁବ୍ ଶୀଘ୍ର ବଡ ପରଦାରେ ନୂଆ ରୂପରେ ଦେଖିବାକୁ ମିଳିବେ। ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ 'ଜୟୀ ରାଜଗୁରୁ'ର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସେ। ଓଡିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ଥିଲେ ଜୟୀ ରାଜଗୁରୁ। ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ସେ। ତାଙ୍କର ରଣ ହୁଙ୍କାରରେ ଉତ୍ସାହିତ ହୋଇ ଅନେକ ଲୋକ ତାଙ୍କ ସହ ହାତ ମିଳାଇଥିଲେ। ତାଙ୍କର ବୀରତ୍ୱ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏପରି ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଜେଏଚବି ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଜୟୀ ରାଜଗୁରୁ'। ଏଥିରେ ନିଜ ଭୂମିକା ସମ୍ପର୍କରେ ବିଶ୍ୱରୂପ କହନ୍ତି, 'ଏପରି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଭୂମିକାଟିକୁ ଶତ ପ୍ରତିଶତ ସଫଳ କରିବାକୁ ଚେଷ୍ଟା କରିଛି। ବାକିସବୁ ଦର୍ଶଦଙ୍କ ଉପରେ ନିର୍ଭର କରେ। ଏପରି ସିନେମାକୁ ସେମାନେ ଗ୍ରହଣ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜଲସେନ୍। ଲିଟନ ପଟ୍ଟନାୟକ ସହଯୋଗୀ ନିର୍ଦ୍ଦେଶକ ସାଜିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି କ୍ରିଷ୍ଣା। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ, ତାମିଲନାଡୁର ମୃତ୍ୟୁଲିଙ୍ଗନମ୍, ଆନ୍ଧ୍ରପ୍ରଦେଶର ଭବାନୀ, ମହାରାଷ୍ଟ୍ରର ଗୌରବ କୁମାରଙ୍କ ବ୍ୟତୀତ ଇନ୍ଦ୍ରଜିତ, ଦୀପକ, ସୁଶାନ୍ତ, ସମୀର, ଚିତ୍ତ, ବୁଲୁ, ଜିତୁ, ନିଲୁ, ଅଖିଳ, ଡ. ବିଦ୍ୟୁତପ୍ରଭା ରଥ, ସଦାମ ବିଷୋୟୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

# ଯଦି ଶାହୀଦ ରାଜି ହୋଇ ଥାଆନ୍ତେ..



ବେଳେବେଳେ ସୁଯୋଗକୁ ହାତଛଡା କରିଦେବା ପରେ ପଛରେ ପସ୍ତେଇବାକୁ ପଡିଥାଏ। କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ 'କାଲ୍'ର କାଷ୍ଟିଂ ସମୟରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ଯେତେବେଳେ କରନ୍ ଏହି ହରର୍ ଫିଲ୍ମ ପାଇଁ କାହାଣୀ ଚୟନ କଲେ ସେତେବେଳ ଚିନ୍ତା କଲେ ଯେ ଏହାର ମୁଖ୍ୟ ଭୂମିକା କାଳୀ ପ୍ରତାପ ସିଂ ପାଇଁ ଶାହୀଦ କପୁର ହିଁ ଫିଟ୍। ବାସ୍, ତା'ପରେ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ କେତେକ କାରଣରୁ ଶାହୀଦ ଏହି ଫିଲ୍ମରେ ଅଭିନୟ କରିପାରିବେ ନାହିଁ ବୋଲି ଜଣାଇ ଦେଲେ। ତା'ପରେ କରନ୍ ଏହି ଭୂମିକା ପାଇଁ ଅଜୟ ଦେବଗନ୍‌ଙ୍କୁ ଯୋଗାଯୋଗ କରିଥିଲେ। ଆଉ ଅଜୟ ଏହି ଅଫରକୁ ଗ୍ରହଣ ମଧ୍ୟ କରିଥିଲେ। ଯେତେବେଳେ ଫିଲ୍ମଟି ହିଟ୍ ହେଲା ଆଉ ଏହି ଭୂମିକା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଲା ସେତେବେଳେ କାଷ୍ଟିଂ ସମୟର ଘଟଣାକୁ ମନେ ପକାଇ ଦୁଃଖ ପ୍ରକାଶ କରିଥିଲେ ଶାହୀଦ।

# ଏକାଥରେ ହ୍ୟାଟ୍ରିକ


ସୋନାକ୍ଷୀ

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କ ଖୁସି କହିଲେ ନ ସରେ। କଥା କ'ଣ କି ଏକ ନୂଆ ପ୍ରଯୋଜନା ସଂସ୍ଥା ନିର୍ମାଣ କରୁଥିବା ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ଶେଷରେ ଏଭଳି ଅଫରକୁ ଗ୍ରୀନ୍ ସିଗନାଲ ଦେଖାଇଛନ୍ତି ସେ। ଏହି ସଂସ୍ଥା ଦ୍ୱାରା ଆଗକୁ ପ୍ରସ୍ତୁତ ହେବାକୁ ଯାଉଥିବା ଆଉ ଦୁଇଟି ସିନେମାରେ ମଧ୍ୟ ସେ ନାୟିକା ସାଜିବେ ବୋଲି ଜଣାପଡିଛି। ଏପରି ସୁଯୋଗ ସମ୍ପର୍କରେ ସୋନାକ୍ଷୀ କହନ୍ତି, 'ଯଦିଓ ଏହା ଏକ ନୂଆ ବ୍ୟାନର, ହେଲେ ପ୍ରଯୋଜକ ଚୟନ କରିଥିବା କାହାଣୀଗୁଡିକ ମୋତେ ବେଶ୍ ପ୍ରଭାବିତ କରିଛି। ତା'ସହ ସେଗୁଡିକରେ ମୋ ଭୂମିକା କୌଣସି ଗୁଣରେ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି।' ତେବେ ସେ ସାଇନ୍ କରିଥିବା ଏହି ତିନୋଟି ଫିଲ୍ମ ତାଙ୍କ କ୍ୟାରିୟରକୁ କି ମୋଡ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ଅଡୁଆ କରିଛି ବୋଲ୍ଡ ଶଟ୍

ଦିଶା ପଟାନି ଦୋଛିକିରେ ପଡିଯାଇଛନ୍ତି। ଫିଲ୍ମଟି ସିନା ସାଇନ୍ କରିଦେଲେ, ହେଲେ ସେଥିରେ କେତୋଟି ଦୃଶ୍ୟ ତାଙ୍କର ମୁଣ୍ଡବିନ୍ଧାର କାରଣ ସାଜିଛି। କଥା କ'ଣ କି ଏହି ଫିଲ୍ମରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏକଥା ଜାଣିବା ପରେ ସତେ ଯେମିତି ତାଙ୍କର ହୋସ୍ ଉଡିଯାଇଛି। ଏ ନେଇ ଦିଶା କହନ୍ତି, 'କାହାଣୀ ସମୟରେ ମୋତେ ଏ ନେଇ କୌଣସି ସୂଚନା ଦିଆଯାଇ ନ ଥିଲା। ଏବେ ଏ ବିଷୟରେ ଜାଣିବା ପରେ ମୁଁ କ'ଣ କରିବି ଜାଣିପାରୁନାହିଁ। ସେପଟେ ଏହି ଫିଲ୍ମର କାହାଣୀ ମୋତେ ପ୍ରଭାବିତ କରିଛି। ତା'ସହ ଏପରି ଦୃଶ୍ୟର କାହାଣୀ ସହ ସଂଯୋଗ ମଧ୍ୟ ରହିଛି। ହେଲେ ଏପରି ଶଟ୍ ଦେବି କି ନାହିଁ ସେ ନେଇ ଦୋଛକିରେ ପଡିଛି। ତା'ସହ ନିଷ୍ପତ୍ତି ନେବାକୁ ପ୍ରଯୋଜନା ସଂସ୍ଥା ମୋତେ କିଛି ଦିନର ସମୟ ମଧ୍ୟ ଦେଇଛି।' ଅନ୍ୟପକ୍ଷରେ ଯେଉଁ ସିନେମାକୁ ନେଇ ଦିଶା ଟେନସନ୍‌ରେ ଅଛନ୍ତି ତାହାର ଟାଇଟଲ ଫାଇନାଲ ହୋଇନାହିଁ। ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଚଳିତ ବର୍ଷ ଜୁନ୍ ଶେଷ ଭାଗରେ ଏହି ଚିତ୍ରର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମାନୁଷୀଙ୍କ କବିତା ନିଶା


ମାନୁଷୀ

ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ମାନୁଷୀ ଚିଲ୍ଲାରଙ୍କୁ ନେଇ ଏବେ ଚର୍ଚ୍ଚା। କାରଣ ସେ ଅଭିନୟ କରିଥିବା 'ପୃଥ୍ୱୀରାଜ' ସିନେମା ଆସନ୍ତା ମାସ ୩ରେ ପରଦା ଉପରକୁ ଆସିବ। ଡାକ୍ତରୀ ପାଠ ପଢୁଥିବା ମାନୁଷୀ ୨୦୧୭ରେ ମିସ୍ ୱାର୍ଲଡ ଟାଇଟଲ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ସେ ବଲିଉଡ୍ ମୁହାଁ ହୋଇଥିଲେ। ନିର୍ଦ୍ଦେଶକ ଚନ୍ଦ୍ର ପ୍ରକାଶ ଦ୍ୱିବେଦୀ ତାଙ୍କୁ 'ପୃଥ୍ୱୀରାଜ' ପାଇଁ ସିଲେକସନ କରିଥିଲେ। ଏହି ଫିଲ୍ମରେ ସେ ଅକ୍ଷୟ କୁମାରଙ୍କ ଅପୋଜିଟ୍‌ରେ ଅଭିନୟ କରୁଛନ୍ତି। ହେଲେ ଅଭିନୟ ବ୍ୟତୀତ ତାଙ୍କର ଆଉ ଏକ ନିଶା ରହିଛି। ତାହା ହେଲା କବିତା ଲେଖିବା। ଏ ନେଇ ମାନୁଷୀ କହନ୍ତି, 'ଷ୍ଟୁଡେଣ୍ଟ କ୍ୟାରିୟରରୁ ମୁଁ କବିତା ଲେଖି ଆସୁଛି। କୌଣସି ସାମ୍ପ୍ରତିକ ଘଟଣା ମୋ ନଜରରେ ପଡିଲେ ତାହାକୁ ନେଇ କବିତାଟିଏ ନ ଲେଖି ମୁଁ ରହିପାରେ ନାହିଁ। ମୋ ଅଭିନୀତ ପ୍ରଥମ ସିନେମା 'ପୃଥ୍ୱୀରାଜ' ଆସନ୍ତା ମାସରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମକୁ ନେଇ ମୁଁ ବେଶ୍ ଆଶାବାଦୀ ଅଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' କେବଳ କବିତା ରଚନା ନୁହେଁ ସେ ସୁନ୍ଦର ଚିତ୍ର ମଧ୍ୟ ଆଙ୍କି ପାରନ୍ତି।

# ଲାଜୁଆ ଚାହାଣୀରେ ଇସାରା କରି, ନିମିଷକେ କଲା ମନକୁ ଚୋରି

**ପ୍ରଶ୍ନ**-ଯେଉଁ ଝିଅ ଲାଜେଇ ଲାଜେଇ ଚାହେଁ, ସେଥିରେ କ'ଣ ପ୍ରେମ ଲୁଚି ରହିଥାଏ ? କାରଣ ମୋତେ ଜଣେ ଝିଅ ଏପରି ଚାହୁଁଛି ? ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ ?

*-ବିକାଶ ସାହୁ, ବଡବିଲ, କେନ୍ଦୁଝର*

**ଉତ୍ତର:** ଲାଜୁଆ ଚାହାଣୀରେ ଅନେକ କଥା ଲୁଚି ରହିଥାଏ । ସେହି ଚାହାଣୀକୁ ଠିକ୍ ଭାବରେ ପଢ଼ି ପାରିଲେ ତା' ଭିତରେ ଲୁଚି ରହିଥିବା ଅସଲ କଥା ଜାଣିପାରିବେ । 'ଲାଜୁଆ ଚାହାଣୀରେ ଇସାରା କରି, ନିମିଷକେ କଲା ମନକୁ ଚୋରି । ' ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରୁଛନ୍ତି କିଆଁ ? ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ ।

**ପ୍ରଶ୍ନ**- କଲେଜରେ ପଢ଼ିବା ସମୟରେ ଜଣେ ଝିଅ ମୋତେ ମନପ୍ରାଣ ଦେଇ ପ୍ରେମ କରୁଥିଲା । ହେଲେ ଅଧା ବାଟରେ ସେ ମୋତେ ଧୋକା ଦେଇ ଚାଲିଗଲା । ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ । ମୋତେ କିଛି ଉପଦେଶ ଦିଅନ୍ତୁ ନା ?

*-ସୁଜିତ ରାଉତ, ବଲାଙ୍ଗୀର*

**ଉତ୍ତର:** କଲେଜ ପଢ଼ିବାର ପ୍ରଥମ ପାହାଚରେ ମନ ଖାଲି ପ୍ରେମ କରିବାକୁ କୁତୁକୁତୁ ହେଉଥାଏ । ସେତିକିବେଳେ ଯଦି ନବୁଝି ରଂ ନମ୍ବର ଡାଏଲ କରିଦେଲେ ତେବେ ତାହାର ଫଳ ଆପଣ ହିଁ ଭୋଗିବେ । ଯେତେବେଳେ ସେହି ସୁନ୍ଦରୀ ପ୍ରେମରେ ପଡିଗଲେ, ସେତେବେଳ ସେପଟୁ ଗ୍ରୀନ୍ ସିଗନାଲ୍ ଥିଲା ତ ? ଯଦି ନ ଥିଲା ତେବେ ଆପଣ ବୋଧହୁଏ ଏକତରଫା ପ୍ରେମ କରୁଥିଲେ । ଏବେ ତ ସେ ଝିଅ ଆପଣଙ୍କୁ ଧୋକା ଦେଇ ଚାଲିଗଲାଣି । ତେଣୁ ଆଉ ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ । ବୋହି ଯିବା ପାଣି ଏବଂ ଧନୁରୁ ତୀର ଖସିଯିବା ପରେ ତାହା କ'ଣ କେବେ ଫେରିଆସେ ? ତେଣୁ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ଭୁଲିଯିବେ ତାହା ଆପଣଙ୍କ ପାଇଁ ଭଲ ହେବ ।

**ପ୍ରଶ୍ନ**-ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି । ସେ ଶୁଣି ହସି ଦେଉଛି । କ'ଣ କରିବି ?

*-ଅମନ, କେନ୍ଦ୍ରାପଡା*

**ଉତ୍ତର:** ସେ ଝିଅ ଆପଣଙ୍କୁ ଦେଖି ହସି ଦେଉଛି । ତାମାନେ ଦୁହିଁଙ୍କ ଭିତରେ ସମଥିଙ୍ଗ ସମଥିଙ୍ଗ ହେଉଛି । ବାସ୍, ସେହି ସ୍ପନ୍ଦନକୁ ଅନୁଭବ କରିପାରିଲେ ହେଲା । ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ ରହିଛି । ହେଲେ ତା'ପରେ କ'ଣ କରିବେ ଜାଣିପାରୁନାହାନ୍ତି, ଏଇଆ ତ ? କଥାରେ ଅଛି ସମଝଦାର୍ ଆଦମୀକୋ ଇସାରା କାଫି ହେଁ' । ତେଣୁ ବିଳମ୍ବ ନ କରି ଆଗକୁ ପାଦ ପକାନ୍ତୁ । ନ ହେଲେ ଏହି ପ୍ରେମ କେତେବେଳେ ତାହାର ଗତିପଥ ବଦଳାଇ ଦେବ ତାହା ନିଜେ ଜାଣିପାରିବେ ନାହିଁ । ତେଣୁ ସମୟ ସୁବିଧା ଦେଖି ବହି ଫିଟ୍ କରିଦିଅନ୍ତୁ ।

**ପ୍ରଶ୍ନ**-ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲିଣି । ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି । ହେଲେ କହୁନି କାହିଁକି ?

*-ପ୍ରଣବ କୁମାର, ପୁରୀ*

**ଉତ୍ତର:**ଯେଉଁ ଝିଅକୁ ଏତେଥର 'ଆଇ ଲଭ୍ ୟୁ' କହି ସାରିଲେଣି, ସେ ବୋଧହୁଏ ଆପଣଙ୍କର ଏହି ମନର କଥାକୁ ଭଲ ଭାବରେ ତର୍ଜମା କରୁଛନ୍ତି । ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି । ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ । ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା । ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ । ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !



**ସାଥୀ**

ପ୍ରଥମ ରୋଜଗାର

# ଟ୍ୟୁସନ ପଇସାରେ ସ୍କୁଲ ପିଲାଙ୍କୁ ବହିଖାତା ଦେଇଥିଲି



କବି ତଥା ପୋଲିସ ପ୍ରଶାସନିକ ଅଧିକାରୀ ମାନସ ରଞ୍ଜନ ବାରିକ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କେ**ନ୍ଦୁଝର ଜିଲ୍ଲାର କଣ୍ଟିପାଳ ଗାଁରେ ମୋ ଜନ୍ମ । କଣ୍ଟିପାଳ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରି ଆନନ୍ଦପୁର କଲେଜରେ ଯୁକ୍ତ ଦୁଇ ଓ ଇଂରାଜୀ ସମ୍ମାନ ରଖି ଯୁକ୍ତ ତିନି ପଢିଥିଲି । ତାପରେ ପୁଣି ରାଜନୀତି ବିଜ୍ଞାନରେ ରେଭେନ୍ସାରୁ ଯୁକ୍ତ ତିନି କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍.ଏ, ଜେଏନୟୁରେ ଏମ୍.ଫିଲ୍ ଏବଂ ପିଏଚ୍ଡି କଲି । ପିଏଚ୍ଡି କାମ ସମ୍ପୂର୍ଣ୍ଣ ସରି ନଥାଏ ତା'ରି ଭିତରେ ଆଇଏଏସ୍ ପରୀକ୍ଷା ଦେଉଥିଲି । ୨୦୧୪ ରେ ପରୀକ୍ଷା ବହୁତ ଭଲ ହୋଇଥିଲା । କିନ୍ତୁ ବିଶେଷ କାରଣରୁ ଦିଲ୍ଲୀ ଛାଡିବାକୁ ପଡିଲା । ସେତେବେଳକୁ ବାଲେଶ୍ୱର ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟରେ ଅଧ୍ୟାପକ ଚାକିରି ମିଳିଥାଏ । ଭାବିଲି ଦୁଇମାସ ଅଧ୍ୟାପନା କରିଦେବି, ତାପରେ ଆଇଏଏସ୍ ହେଲେ ସେଥିରେ ଯୋଗ ଦେବି । ଦୁର୍ଭାଗ୍ୟ ଅଳ୍ପ କିଛି ମାର୍କ ପାଇଁ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲି ନାହିଁ ; ଯଦ୍ଦ୍ୱାରା ଅଧ୍ୟାପକ ଚାକିରିଟା ଦୁଇମାସ ପରିବର୍ତ୍ତେ ଦୁଇ ବର୍ଷ ଯାଏଁ ଚାଲିଲା ।
ସେପଟେ ପିଏଚଡି ଛାଡି ଆସିଥାଏ । ବହୁତ ଦୁଃଖ ଲାଗିଥିଲା କିନ୍ତୁ ଓପିଏସସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରୁ କିଛି ମାତ୍ରାରେ ଦୁଃଖ ଲାଘବ ହୋଇଥିଲା । ୨୦୧୬ ରେ ଡିଏସପି ଭାବରେ ଯୋଗ ଦେଲି । ୨୦୧୮ ଯାଏଁ ଟ୍ରେନିଂରେ ରହିଲି । ଟ୍ରେନିଂ ସମୟରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ରାଜ୍ୟପାଳ ପଦକ ମିଳିଲା । ତା'ପରେ ପ୍ରଥମ ପୋଷ୍ଟିଂ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଏସ୍.ଡି.ପି.ଓ ଭାବେ । ପରେ ବଦଳି ହେଲା କନ୍ଧମାଳର ବାଲିଗୁଡ଼ା ଆଉ ଏବେ ବାଲୁଗାଁର ଏସ୍.ଡି.ପି.ଓ ଦାୟିତ୍ୱରେ ଅଛି ।

'ଆତ୍ମନିର୍ଭରଶୀଳତାକୁ ପସନ୍ଦ କରେ' ତେଣୁ ଚାକିରି କରି ଦରମା ପାଇବାର ବହୁ ପୂର୍ବରୁ ହିଁ ମୋର ରୋଜଗାର ଆରମ୍ଭ ହୋଇଯାଇ ଥିଲା । ନବମ ଶ୍ରେଣୀରେ ମେଧାବୃତ୍ତି ବାବଦକୁ ବର୍ଷକୁ ଏକକାଳୀନ ୩୦୦ ଟଙ୍କା ମିଳିଥିଲା । ସେଥିରେ ନିଜ ପାଇଁ ଗୋଟିଏ ୱାର୍ଡ ବୁକ୍ ଓ ଜ୍ୟାମିତି ବାକ୍ସ କିଣିଥିଲି । ବାକି ଟଙ୍କା ବୋଉକୁ ନେଇ ଦେଇଥିଲି । ମାଟ୍ରିକ୍ ପାସ୍ କରିବା ପରେ ଦଶମ ଶ୍ରେଣୀ ପିଲାଙ୍କୁ ଟ୍ୟୁସନ କରୁଥିଲି ମୁଖ୍ୟତଃ ସଂସ୍କୃତ ଓ ଇଂରାଜୀ ବିଷୟରେ । ସେଥିରୁ ଯେଉଁ ଟଙ୍କା ମିଳେ ସେଥିରେ ନିଜ ପଢାଖର୍ଚ୍ଚ ଉଠାଇବା ସହ ସାଧ୍ୟମତେ ଅନ୍ୟ ପିଲାଙ୍କୁ ମଧ୍ୟ ବହିଖାତା ଯୋଗାଇ ଦିଏ । ଜେଏନ୍‌ୟୁରେ ଜେ.ଆର.ଏଫ୍ ମିଳିବା ପର୍ଯ୍ୟନ୍ତ ମୁଁ ଟ୍ୟୁସନ କରିଛି ଆଉ ସେହି ରୋଜଗାରରୁ କେବଳ ଗରିବ ପିଲା ନୁହେଁ, ଅସୁବିଧାରେ ପଡିଥିବା ଯେକୌଣସି ଲୋକଙ୍କୁ ବି ସାହାଯ୍ୟ କରିବାକୁ ସବୁବେଳେ ଚେଷ୍ଟା କରିଛି । ଏହି ଧାରା ମୋର ଏବେ ବି ଚାଲିଛି ଆଉ ଏ କ୍ଷେତ୍ରରେ ମୋ ପତ୍ନୀ କବିତା ରାଣୀ ମୋତେ ପୂର୍ଣ୍ଣ ସହଯୋଗ କରିଥାନ୍ତି । ସାଙ୍ଗମାନେ ତିଆରି କରିଥିବା 'ଆମ ପ୍ରୟାସ'ସଂଗଠନ ବି ଅନେକ ସମୟରେ ପ୍ରେରଣା ଦିଏ । ମୋର ଧ୍ୟାନ ଗରିବ ପିଲାଙ୍କ ପଢ଼ାଖର୍ଚ୍ଚ ସହ ରୋଗୀଙ୍କୁ ରକ୍ତଦାନ ଏବଂ ଔଷଧ ଖର୍ଚ୍ଚ ଆଦିରେ ବି ରହେ । ଯେତେବେଳେ ଯେମିତି ବି ଘଟଣା ମୋ ସାମ୍ନାକୁ ଆସେ, ତା'ର ସମାଧାନ ମୋର ସାଧ୍ୟ ମୁତାବକ କରିବାକୁ ଚେଷ୍ଟା କରିଛି । ଗତବର୍ଷ କରୋନା ସମୟରେ ଜଣେ ଅସହାୟ ବୃଦ୍ଧାଙ୍କ ପୁଅଙ୍କ ମୃତ ଶରୀରକୁ ଅନ୍ୟମାନେ ଛୁଇଁ ନଥିବା ବେଳେ, ସେଇ ମା'ଙ୍କ ଅନୁରୋଧରେ ମୁଁ ଓ ଆଉ ୩ ଜଣ ସହଯୋଗୀ ପିପିଇ କିଟ୍ ପିନ୍ଧି ରାତି ସାରା ଜଗି ରହି ଶବଦାହ କରିଥିଲୁ । ସେଇ ମା' ଜଣକ କାନ୍ଦି କାନ୍ଦି ମୁଣ୍ଡ ଛୁଇଁ ଆଶୀର୍ବାଦ କରିଥିଲେ । ବାଲିଗୁଡ଼ାରେ କରୋନା ସମୟରେ ବିଭିନ୍ନ ରୋଚକପୂର୍ଣ୍ଣ କବିତା ଓ ଗୀତ ଲେଖି ତାକୁ ରେକର୍ଡିଂ କରି ଲୋକଙ୍କୁ ସଚେତନ କରିବାର ଭିନ୍ନ ପ୍ରୟାସ ବି ବେଶ୍ ଜନାଦୃତ ହୋଇଥିଲା । ସାଧାରଣତଃ ଲୋକମାନେ ପୋଲିସ୍ ସହ କଥାବାର୍ତ୍ତା ହେବାକୁ ଟିକେ ସଙ୍କୋଚବୋଧ ଅବା ଭୟ କରିଥାନ୍ତି । ତେଣୁ ମୋର ପ୍ରୟାସ ରହେ ଲୋକେ କେମିତି ମୋ ପାଖରେ ବିନା ଭୟ ବିନା ସଙ୍କୋଚରେ ତାଙ୍କ ଦୁଃଖ ଜଣାଇ ପାରିବେ । ସେଥିପାଇଁ ମୋ ମୋବାଇଲ୍ ନମ୍ବରକୁ ମୁଁ ରହୁଥିବା ଅଞ୍ଚଳରେ ବାଣ୍ଟି ଦିଏ, ଯଦ୍ଦ୍ୱାରା କୌଣସି ବ୍ୟକ୍ତି କୌଣସି ଅସୁବିଧାରେ ମଧ୍ୟ ମୋତେ ଫୋନ୍ କରି କିମ୍ବା ହ୍ୱାଟ୍ସଆପ ମେସେଜ୍ କରି ଅସୁବିଧା ଜଣାଇଲେ ତାଙ୍କୁ ଅନାୟାସରେ ସାହାଯ୍ୟ କରିପାରିବି । ଏଇ କିଛି ଦିନ ତଳେ ଚିଲିକାରେ ବୁଡିଯାଉଥିବା ୧୧ ଜଣ ବ୍ୟକ୍ତିଙ୍କୁ ଉଦ୍ଧାର କରି ଅନେକ ଖୁସି ଆଉ ଆଶୀର୍ବାଦ ପାଇଥିଲି । ଆଜି ଯାଏଁ ଯେଉଁଠି ବି କାମ କରିଛି ଲୋକେ ଖୁବ୍ ଭଲ ପାଇବା ଦେଇଛନ୍ତି ; ଆଉ ତାକୁ ହିଁ ପାଥେୟ କରି ମୁଁ ମୋ କର୍ମପଥରେ ଆଗେଇ ଚାଲିଛି । **-ଅମ୍ବିତା**

# ଭିନ୍ନ ରାଜ୍ୟ ଭିନ୍ନ ଚପଲ





**ପାଦକୁ ସୁରକ୍ଷା ଦିଏ ଜୋତା ଓ ଚପଲ। ଏହାବାଦ୍ କେବେ ଏହା ବ୍ୟକ୍ତିଙ୍କ ଷ୍ଟାଟସ୍‌କୁ ଦର୍ଶାଏ ତ କେବେ କୌଣସି ସ୍ଥାନର ପରିଚୟ ବି ପାଲଟିଛି। ଭାରତର ବିଭିନ୍ନ ରାଜ୍ୟର ସେମିତି କେତେକ ଖାସ୍ ଜୋତା ଓ ଚପଲ ସମ୍ପର୍କରେ...**

**କୋହ୍ଲାପୁରୀ ଚପଲ:** ଅତି ଆରାମଦାୟକ ଚମଡାର ଏହି ହାତ ତିଆରି ସ୍ଲିପର୍ସ ଦେଖିବାକୁ ବହୁତ ଆକର୍ଷକ। ଏହା ଯେମିତି ଲଙ୍ଗ ଲାଷ୍ଟିଙ୍ଗ ଏହାର କାରୁକାର୍ଯ୍ୟ ସେମିତି ସୁନ୍ଦର। ତେଣୁ ସାରା ପୃଥିବୀରେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ଦ୍ୱାଦଶ ଶତାବ୍ଦିରେ ରାଜା ବିଜ୍ଜଲ ଓ ତାଙ୍କ ପ୍ରଧାନମନ୍ତ୍ରୀ ବାସଭାନ୍ ମୋଚି ସମ୍ପ୍ରଦାୟର ଉନ୍ନତି ଲାଗି ଏହି ଚପଲର ଉତ୍ପାଦନ ବଢାଇଥିଲେ। ମହାରାଷ୍ଟ୍ରର କୋହ୍ଲାପୁର ଜିଲାର ନାମାନୁସାରେ ଉକ୍ତ ଚପଲର ନାମକରଣ ହୋଇଛି। ଦୀର୍ଘ ୧୦୦ ବର୍ଷ ହେବ ଏହି ଚପଲ ତା'ର ପୁରୁଣା ଷ୍ଟାଇଲ ଓ ଆକାରରେ ଆଜି ବି ଉପଲବ୍ଧ ହେଉଛି। ଯଦିଓ ଏବେ ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟରେ ରଖି ଏହା ବିଭିନ୍ନ ରଙ୍ଗ ଓ ଡିଜାଇନ୍‌ରେ ଉପଲବ୍ଧ ହେଲାଣି। ଆଜିକାଲି ମଡର୍ନ ଟଚ୍ ଦେବା ଲାଗି ମେଟାଲିକ, ଗୋଲ୍ଡ ଓ ସିଲଭର୍‌ର ଷ୍ଟ୍ରାଇପ୍ ସହିତ ସେକ୍ୱିନ୍‌ରେ ସଜ୍ଜିତ କୋହ୍ଲାପୁରୀ ଚପଲ ଡିଜାଇନ୍ ହେଉଛି। ଉଭୟ ପୁରୁଷ ଓ ମହିଳାଙ୍କର ଏହା ପ୍ରିୟ। ତା'ସହ ୱେଷ୍ଟର୍ନ ହେଉକି ଟ୍ରାଡିସନାଲ ଗେଟ୍‌ଅପ୍ ସବୁଥିରେ ଏହା ଭଲ ଲାଗେ। ତେଣୁ କୋହ୍ଲାପୁର ଯାଇ ଯଦି କୋହ୍ଲାପୁରୀ ଚପଲ ନ ଆଣିବେ, ତେବେ ସେଠାକୁ ଯିବାର ମାନେ ରହେନା।

**ମୋଜାରୀ ଖୁସା:** ପୁରାତନ ସମୟରେ ରାଜସ୍ଥାନର ଏହି ଜୋତାକୁ ନୱାବ, ମହାରାଜ, ମହାରାଣୀ ଜମିଦାରମାନେ ପିନ୍ଧୁଥିଲେ। ଏହା ସେମାନଙ୍କ ପ୍ରତିପତିକୁ ଦର୍ଶାଉଥିଲା। ପୂର୍ବେ ଏହି ଜୋତାକୁ ଖାଣ୍ଟି ସୁନା, ରୁପାର ସୂତାରେ ତିଆରି କରାଯାଉଥିଲା। ବିରଳ ମୋତି ଓ ଦାମୀ ରତ୍ନରେ ସଜାଯାଉଥିଲା। ଉକ୍ତ ଜୋତାର ସାମ୍‌ନା ଭାଗ ମୋଡି ହୋଇ ରହିଥାଏ, ଯାହା ରାଜକୀୟ ଲୁକ୍ ଦିଏ। ଶିଖ୍ ସମ୍ପ୍ରଦାୟରେ ଏହା ଯୋଧପୁରୀ ଜୋତା ଭାବେ ପରିଚିତ ଥିଲା। ଚମଡାର ଏହି ଜୋତାକୁ ହାତରେ ତିଆରି କରାଯାଏ। ଏହାର କାରିଗରୀ ଯୋଧପୁର, ଗୋଲାପି ସହର ଜୟପୁର ଓ ପଞ୍ଜାବରେ ହୋଇଥାଏ। ଏଥିରେ ହେଉଥିବା ସୁନ୍ଦର ଏମ୍ବ୍ରୋଏଡାରୀ କାମ, ଭେଲଭେଟ୍, ସେକ୍ୱିନ, ମୋତି , ସେରାମିକ ବିଡ୍‌ର ସାଜସଜ୍ଜା ଏହାକୁ ଆକର୍ଷକ କରିଥାଏ।

**ଜୁତି:** ପଞ୍ଜାବ ଓ ରାଜସ୍ଥାନର ଏହି ପ୍ରସିଦ୍ଧ ଜୁତି କେବଳ ଉତ୍ତର ଭାରତରେ ନୁହେଁ ସାରା ପୃଥିବୀରେ ଲୋକପ୍ରିୟ ହୋଇପାରିଛି। ମୋଗଲମାନେ ହେଉଛନ୍ତି ଏହାର ପୃଷ୍ଠପୋଷକ। ଏହାକୁ ପ୍ରଥମେ ମହାରାଜା, ମହାରାଣୀମାନେ ପିନ୍ଧୁଥିଲେ। ଏହାକୁ ଚମଡାରେ ତିଆରି କରାଯାଉଥିଲା। ସୁନା ଓ ରୁପାର ସୁତାରେ ଏହାକୁ ଏମ୍ବ୍ରୋଏଡାରୀ କରାଯାଉଥିଲା। ବିଭିନ୍ନ ରତ୍ନ, ମୂଲ୍ୟବାନ ପଥର, ଦାମୀ ମୋତିରେ ଏହାକୁ ସଜା ଯାଉଥିଲା। ଯୁଗ ବଦଳିବା ସହ ଏଥିରେ ଅନେକ ପରିବର୍ତ୍ତନ ହୋଇଛି। ଆଉ ଏବେ ଏହା ଅନେକ ଟ୍ରେଣ୍ଡି ପ୍ୟାଟର୍ନରେ ଉପଲବ୍ଧ ହେଉଛି। ବିବାହ, ପର୍ବପର୍ବାଣି, ପାର୍ଟି ଆଦିରେ ଏହାକୁ ପିନ୍ଧିଲେ ବହୁତ ଭଲ ଲାଗେ। ଏଥନିକ ଲୁକ୍ ପାଇଁ ଏହାକୁ ଲେହଙ୍ଗା, ଅନାରକଲି, ଘାଘରା ସହ ପିନ୍ଧିବାକୁ ବେଶ୍ ପସନ୍ଦ କରାଯାଉଛି।

**ପୁଲା ଚପଲ:** 'ଲାଣ୍ଡ ଅଫ୍ ଗଡ୍‌ସ' ଭାବେ ପରିଚିତ ହିମାଚଳ ପ୍ରଦେଶର ସ୍ଥାନୀୟ ପାହାଡି ଲୋକେ ଏହି ସ୍ୱତନ୍ତ୍ରଧରଣର ଚପଲ ପିନ୍ଧନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ପ୍ରଥମେ ଏଠାକାର ଏକପ୍ରକାରର ଘାସକୁ ମୋଡି ଦଉଡି କରାଯାଏ। ଆଉ ସେହି ଦଉଡିକୁ କପଡାରେ ଲଗାଲଗି ରଖି ସିଲେଇ କରି ସେଥିରେ ଚପଲ ପ୍ରସ୍ତୁତ କରାଯାଏ। ଚପଲର ଉପରଭାଗରେ ସୁନ୍ଦର ଛୁଞ୍ଚି ସୁତାର କାରିଗରୀ କରାଯାଇଥାଏ। ହିମାଚଳ ପ୍ରଦେଶରେ ଚମଡାର ଜୋତା କି ଚପଲ ବ୍ୟବହାର ଉପଯୋଗୀ ହୋଇପାରେନା। କେବଳ ହାଲ୍‌କା ପୁଲା ଚପଲକୁ ପିନ୍ଧି ବରଫରେ ଚାଲିବା ସହଜ ହୋଇଥାଏ। ପର୍ବପର୍ବାଣିରେ ମନ୍ଦିର ପରିସରରେ ଚାଲିବା ଲାଗି ମଧ୍ୟ ଏହାକୁ ବ୍ୟବହାର କରାଯାଏ। ଏହାକୁ ଏଠାକାର ଚଦ ନାମକ ସ୍ଥାନରେ ତିଆରି କରାଯାଏ। ତେବେ ଏହାର ବଜାର ଏବେ ରାଜସ୍ଥାନ, ଗୁଜୁରାଟ ଓ ମଧ୍ୟପ୍ରଦେଶକୁ ବି ବ୍ୟାପିଗଲାଣି।

**ଓସୋ ଚପଲ:** ଆଧ୍ୟାତ୍ମିକ ଗୁରୁ ଶ୍ରୀ ଓସୋ ରଜନିଶ୍‌ଙ୍କ ନାମାନୁସାରେ ଏହାର ନାମକରଣ ହୋଇଛି। ଏହା ଏକ ଇକୋ ଫ୍ରେଣ୍ଡଲି ଚପଲ ଅଟେ। ଏହାକୁ ବାଉଁଶ, ଝୋଟ ଓ ସ୍ୱତନ୍ତ୍ରଧରଣର ଘାସରେ ତିଆରି କରାଯାଇଥାଏ। ଚପଲର ଷ୍ଟ୍ରିଙ୍ଗ ବା ଫିତା ପାଇଁ ଫଙ୍କ୍ସ ଭେଲଭେଟ୍, ରବର, କିମ୍ବା କଟନ୍ କପଡାର ବ୍ୟବହାର କରାଯାଇଥାଏ। ଶକ୍ତ ରବର୍‌ର ବେସ୍ ଉପରେ ବାଉଁଶ, ଝୋଟ ତଥା ଘାସର ଚଟାଇ ପରି ଲେୟର ଥାଏ। ଏହି ଚପଲ ଦେଖିବାକୁ ସିମ୍ପଲ କିନ୍ତୁ ବହୁତ ଷ୍ଟାଇଲିଶ। ତା'ସହ ପାଦକୁ ଥଣ୍ଡା ବି ରଖେ। କମ୍ ଦାମ, ସୁନ୍ଦର ରଙ୍ଗ ଓ ବିଭିନ୍ନ ଷ୍ଟାଇଲ ଓ ପ୍ୟାଟର୍ନରେ ଏହା ଉପଲବ୍ଧ ହୁଏ। ୱେଷ୍ଟର୍ନ ହେଉକି ଇଣ୍ଡିଆନ୍ ଆଉଟଫିଟ୍ ସବୁଥିରେ ଏହା ଭଲ ଲାଗେ।








ସ୍ୱାତିକା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡିଶା ଫ୍ୟାଶନ ଭିଲା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ପହଞ୍ଚିବ

ଚାଟ୍ ଖାଉଥିବା ଜଣେ ଯୁବତୀଙ୍କ ପାଖରେ ବାଇକ୍‌ରେ ଯାଉଥିବା ଜଣେ ବ୍ୟକ୍ତି ହଠାତ୍ ରହି ଯାଇ: ମ୍ୟାଡମ ମୁଁ ରାମ ମନ୍ଦିର ଯିବି...
ଯୁବତୀ ସଙ୍ଗେ ସଙ୍ଗେ: ଯାଉନ ଭାଇ। ସମସ୍ତଙ୍କୁ ଏମିତି କହି ବୁଲିଲେ ପହଞ୍ଚିବ କେତେବେଳେ ?

## ଗର୍ଲଫ୍ରେଣ୍ଡ

ବାପା ପୁଅକୁ: ତୋର କେହି ଗର୍ଲଫ୍ରେଣ୍ଡ ଅଛି ?
ପୁଅ: ନା ।
ବାପା: ଆଜିକାଲି ଯୁଗରେ ସମସ୍ତଙ୍କର ଗର୍ଲଫ୍ରେଣ୍ଡ ଅଛି, ହେଲେ ତୋର ନାହିଁ ? ଟିକେ ସୋସିଆଲ ହେବାକୁ ଚେଷ୍ଟା କର।
ପୁଅ ଲାଜେଇକି: ହଁ, ବାପା ମୋର ଗୋଟେ ଗର୍ଲଫ୍ରେଣ୍ଡ ଅଛି।
ବାପା ମାଡ ମାରିବା ଆରମ୍ଭ କରି: ଆଚ୍ଛା ତା'ହେଲେ ତୁ ଏଇଥିପାଇଁ ଫେଲ୍ ହେଲୁ।

## ପ୍ରସ୍ତୁତି

ବାହାଘର ଠିକ ହୋଇଯାଇଥିବା ସାଙ୍ଗ ରେଶମାକୁ ରୀମା: ବାହାଘର ପାଇଁ ପ୍ରସ୍ତୁତି ସରିଲାଣି ?
ରେଶମା: ହଁ, ମୁଁ ମୋର ପୁରୁଣା ୨ଟା ଯାକ ସିମ୍ ନାଳରେ ଫିଙ୍ଗି ଦେଇଛି। ଫୋନ୍ ଫର୍ମାଟ୍ କରିଦେଇଛି। ଆଉ ଫେସ୍‌ବୁକ୍ ଆକାଉଣ୍ଟ ବି କ୍ଲୋଜ୍ କରିଦେଇଛି। ଏବେ ଖାଲି ତୁ ତୋ ମୁହଁ ବନ୍ଦ ରଖିବୁ।



# ଖରାରେ ଯାଆନ୍ତୁ ବେଳାଭୂମି





**ସି**–ବିଚ୍ ବା ସମୁଦ୍ରତଟରେ କିଛି ସମୟ ବୁଲିଆସିଲେ କାହିଁକି କେଜାଣି ମନ ପ୍ରଫୁଲ୍ଲିତ ହୋଇଯାଏ ଆଉ ଶରୀରକୁ ବେଶ୍ ତାଜା ଅନୁଭବ ହୁଏ। ସ୍ୱଳ୍ପ ସମୟ ପାଇଁ ହେଉନା କାହିଁକି ଲାଗେ ସତେ ଯେମିତି ମନରେ କିଛି ବି ଚିନ୍ତା କି ଅବସୋସ ନାହିଁ। ଖାସ୍ କରି ଏହାର ସୁନେଲି ବାଲିର ତଟରେ ବସି ସମୁଦ୍ରର ଲହଡ଼ି ସାଙ୍ଗକୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ଆକର୍ଷକ ଲାଗିଥାଏ।। ତା'ସାଙ୍ଗକୁ ଆହୁରି ଆନନ୍ଦ ଦିଏ ସମୁଦ୍ରର ନୀଳ ଜଳରାଶିରେ ଟିକେ ଗାଧୋଇ ପଡ଼ିଲେ। ଖାସ୍ ସେଥିପାଇଁ ଏଥରର ଏହି ଆଲେଖ୍ୟରେ କେତୋଟି ଆକର୍ଷଣୀୟ ସି–ବିଚ୍ ସମ୍ପର୍କରେ ଉଲ୍ଲେଖ କରାଯାଉଛି ...

**ଅଗୋଣ୍ଡା ବିଚ୍:** ଦକ୍ଷିଣ ଗୋଆରେ ଅବସ୍ଥିତ ଏକ ଛୋଟ ଗାଁ ହେଉଛି ଅଗୋଣ୍ଡା। ଏହି ଗାଁ ନିକଟରେ ରହିଛି ଅଗୋଣ୍ଡା ବିଚ୍, ଯାହା ନିଜର ସଫାସୁତୁରା ବେଳାଭୂମି ତଥା ଶାନ୍ତ, ସୁରକ୍ଷିତ ପରିବେଶ ପାଇଁ ବେଶ୍ ଲୋକପ୍ରିୟ। ଏଠାକାର ସମୁଦ୍ର ଜଳ ମଧ୍ୟ ବହୁତ ପରିଷ୍କାର। ଜନଗହଳିଠାରୁ ଦୂରରେ ଥିବା ଏହି ବେଳାଭୂମିରେ ପର୍ଯ୍ୟଟକ ନିରୋଳାରେ କିଛି ସମୟ ବିତାଇବା ସହ ସୁଇମିଂର ମଧ୍ୟ ମଜା ନେଇପାରିବେ। ତା'ସହିତ ଏଠାରେ ସି–ଫୁଡ୍ ବି ଖାଇପାରିବେ।

**ପାଲୋଲେମ୍ ବିଚ୍:** ଗୋଆର ଅନ୍ୟତମ ଆକର୍ଷଣୀୟ ବିଚ୍ ଭାବେ ଏହା ପରିଚିତ। ଏଠାକାର ପ୍ରଶସ୍ତ ଧଳାବାଲିର ବେଳାଭୂମି ତଥା ଶାନ୍ତ ଜଳରାଶି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଖାସ୍‌କରି ଏହି ବେଳାଭୂମିରେ ରାତ୍ରି ସମୟରେ ଅନେକ ପାର୍ଟି ଫଙ୍କ୍‌ସନ୍‌ର ଆୟୋଜନ କରାଯାଇଥାଏ ; କିନ୍ତୁ ସେଥିରେ ଆଦୌ କୋଳାହଳ ନ ଥାଏ। କାରଣ ଏଠାକାର ଶାନ୍ତ ବାତାବରଣକୁ ବ୍ୟାଘାତ କରିବାକୁ କେହି ଚାହାନ୍ତି ନାହିଁ। ସେଥିପାଇଁ ସେମାନେ କାନରେ ହେଡ୍‌ଫୋନ୍ ଲଗାଇ ପାର୍ଟିକୁ ଉପଭୋଗ କରିଥାନ୍ତି। ତେଣୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବି ଏହି ନିୟମ ମାନିବାକୁ ହୋଇଥାଏ। ସେହିପରି ପର୍ଯ୍ୟଟକଙ୍କ ରହିବା ନିମନ୍ତେ ଏହି ବେଳାଭୂମି ନିକଟରେ ଛୋଟବଡ଼ ଅନେକ ରିସୋର୍ଟର ସୁବିଧା ମଧ୍ୟ ରହିଛି।

**ଅଲାପ୍ପୁଝା ବିଚ୍:** ଅଲାପ୍ପୁଝା ହେଉଛି କେରଳର ଏକ ସୁନ୍ଦର ସହର। ଏହା ଅଲେପ୍ପୀ ନାମରେ ବି ପରିଚିତ। ଏଠାରେ ରହିଛି ଅଲାପ୍ପୁଝା ନାମକ ଏକ ଲୋକପ୍ରିୟ ସମୁଦ୍ରତଟ। ଶାନ୍ତ, ସ୍ୱଚ୍ଛ ତଥା ଅପୂର୍ବ ଆକର୍ଷଣରେ ଭରା ଏହି ସମୁଦ୍ରତଟରେ ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ମନୋମୁଗ୍ଧକର ହୋଇଥାଏ। ତା'ଛଡ଼ା ଏହି ସମୁଦ୍ରକୂଳର ଧାରେ ଧାରେ ଲଗାଯାଇଥିବା ଖଜୁରି ଗଛ ଏଠାକାର ପରିବେଶକୁ ଆହୁରି ଆକର୍ଷଣୀୟ କରି ଦେଇଥାଏ। ତେବେ ଅଲାପ୍ପୁଝାର ଅନ୍ୟ ଏକ ଆକର୍ଷଣ ହେଉଛି ଏଠାକାର ବ୍ୟାକ୍‌ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ଅପୂର୍ବ ଆନନ୍ଦ ଉପଭୋଗ କରିବା।

**ପଦୁବିଦ୍ରି ବିଚ୍:** କର୍ନାଟକର ଉଡୁପିସ୍ଥିତ ଏକ ଛୋଟ ସହର ହେଉଛି ପଦୁବିଦ୍ରି। ଏଠାରେ ରହିଛି ଏକାଧିକ ବିଚ୍ କିନ୍ତୁ ତନ୍ମଧ୍ୟରୁ ପଦୁବିଦ୍ରି ବିଚ୍‌ର ଆକର୍ଷଣ ସବୁଠୁ ନିଆରା। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏହି ବିଚ୍‌ରେ ସମସ୍ତ ସୁବିଧା ଉପଲବ୍ଧ। ଏଠାକାର ଶାନ୍ତ ବାତାବରଣ ତଥା ସ୍ୱଚ୍ଛ ପରିବେଶରେ କିଛି ସମୟ ବିତାଇବା ପାଇଁ ପ୍ରତିବର୍ଷ ପର୍ଯ୍ୟଟକଙ୍କର ଭିଡ଼ ଲାଗିଥାଏ।

**ରାଧାନଗର ବିଚ୍:** ଆଣ୍ଡାମାନ ଓ ନିକୋବର ଦ୍ୱୀପସମୂହର ହାଭ୍‌ଲକ୍ ଦ୍ୱୀପ ନିକଟରେ ଥିବା ରାଧାନଗର ବିଚ୍‌କୁ ଦୁନିଆର ଅନ୍ୟତମ ଆକର୍ଷଣୀୟ ବିଚ୍ ଭାବେ ବିବେଚନା କରାଯାଇଥାଏ। ଏହି ଆଶ୍ଚର୍ଯ୍ୟକର ସମୁଦ୍ରତଟ ନିଜର ଶାନ୍ତ ବାତାବରଣ ତଥା ରୋମାଞ୍ଚକ ଗତିବିଧି ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏଠାକାର ଧଳାରଙ୍ଗର ବେଳାଭୂମିର ଗୋଟିଏ ପାର୍ଶ୍ୱରେ ନୀଳ ଜଳରାଶି ଓ ଅନ୍ୟପାର୍ଶ୍ୱରେ ଜଙ୍ଗଲର ଅପୂର୍ବ ଦୃଶ୍ୟ କାହାକୁ ବି ଆକର୍ଷିତ କରିବା ପାଇଁ ଯଥେଷ୍ଟ। ତା'ଛଡ଼ା ଏହି ବିଚ୍‌ର ଲହଡ଼ି ବହୁତ ଉଚ୍ଚକୁ ଉଠେନାହିଁ ; ଫଳରେ ଆଗନ୍ତୁକ ଏଠାରେ ବେଶ୍ ମଉଜରେ ଗାଧୋଇବାର ମଜା ନେଇଥାନ୍ତି।

କେବଳ ଏତିକି ନୁହେଁ, ଭାରତରେ ଆହୁରି ଅନେକ ଏମିତି ବିଚ୍ ରହିଛି, ଯାହାର ସ୍ୱଚ୍ଛ, ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ଦେଇଥାଏ।

**ଖରାଦିନେ, ଯାହା ସବୁଠାରୁ ଆନନ୍ଦ ଓ ଶାନ୍ତି ଦେଇଥାଏ ତାହା ହେଉଛି ପାଣି। ତେଣୁ ଖରାଛୁଟିରେ ଅଧିକାଂଶ ଲୋକ ଏମିତି କୌଣସି ସ୍ଥାନକୁ ବୁଲିଯିବାକୁ ପସନ୍ଦ କରିଥାନ୍ତି, ଯେଉଁଠାରେ ସ୍ୱଚ୍ଛ ପରିବେଶ ସାଙ୍ଗକୁ ଶୀତଳ ପବନର ସ୍ପର୍ଶ ମିଳୁଥିବା ତା'ସାଙ୍ଗକୁ ସି–ବିଚ୍ ବା ସମୁଦ୍ରତଟରେ ବୁଲିବାର ସୁଯୋଗ ବି ଥିବା କାରଣ ସି–ବିଚ୍‌ର ଆକର୍ଷଣ ସବୁବେଳେ ନିଆରା ଲାଗିଥାଏ...**









# ମଣିଷ ପାଇଁ ଡଗ୍ ବେଡ୍

ଯେଉଁମାନେ ଘରେ କୁକୁର ରଖିଥାନ୍ତି ସେମାନେ ନିଜ ପୋଷା କୁକୁରର ସୁଖ ସୁବିଧା ପାଇଁ ଅନେକ କିଛି କରନ୍ତି। ସେଥିମଧ୍ୟରେ ଗୋଟିଏ ହେଉଛି ସୁଖ ନିଦ ପାଇଁ ଆରାମଦାୟକ ଡଗ୍ ବେଡ୍‌ର ବ୍ୟବସ୍ଥା। ଯେଉଁଥିରେ ପୋଷା କୁକୁର ବେଶ୍ ଆରାମରେ ଶୋଇଥାନ୍ତି। ଏବେ କୁକୁର ମାଲିକଙ୍କ ପାଇଁ ବି ଆସିଯାଇଛି ଏକ ବଡ଼ ଆକାରର ଡଗ୍ ବେଡ୍। 'ପ୍ଲଫି' ନାମକ ଏହି ବେଡ୍ ଦୁଇଜଣ ଯୁବକ ନୋଆ ସିଲ୍‌ଭରମ୍ୟାନ ଓ ଯୁକି କିନୋଶିତା ଏକାଠି ମିଶି ତିଆରି କରିଛନ୍ତି। ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆର ଏମାନେ ଛାତ୍ର। ଦୁହେଁ ଓଭର୍‌ସାଇଜ୍‌ର ଡଗ୍ ବେଡ୍ ପ୍ରସ୍ତୁତ କରୁଛନ୍ତି। ଆଉ ଦାବି କରୁଛନ୍ତି ଯେ, ଏଥିରେ ବହୁତ ଭଲ ନିଦ ହୋଇଥାଏ। ଏଥିରେ ଗଡିବା କ୍ଷଣି ଆରାମ ମିଳେ ଓ ଶୋଇବା ବ୍ୟକ୍ତିଙ୍କୁ ସୁରକ୍ଷିତ ମନେ ହେବ। ତା'ସହ ଚାପ ଓ ଅବସାଦ ଦୂର ହେବ। ଏହା ଏକ ଅଣ୍ଡାକାର ବେଡ୍। ଏଥିରେ ତକିଆ ବି ଥାଏ। ଶୀତଦିନେ ଜାକି ଜୁକି ହୋଇ ଶୋଇବା ଭଳି ଏହି ବେଡରେ ଶୋଇବାକୁ ହୁଏ। ବେଡର ଚାରିପଟେ ତକିଆ ପରି ବାଡ ରହିଥାଏ। ଶୋଇବାବେଳେ ଏହା ଆରାମ ଓ ସୁରକ୍ଷା ପ୍ରଦାନ କରିଥାଏ। ଏଥିରେ ଉଭୟ ମାଲିକ ଓ କୁକୁର ସାଙ୍ଗ ହୋଇ ମଧ୍ୟ ଶୋଇପାରିବେ।

## କାର୍ଟୁନ କର୍ନର





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଉଚ୍ଚ ଆୟ ନା ଉଚ୍ଚ ରକ୍ତଚାପ !!



ଆମ ଗାଁ ପାଖ ଗାନୁଆ ମୋ ଧୂଳିଖେଳ ବେଳର ଚାହାଳି ସାଙ୍ଗ । ଗଲା ତିନିବର୍ଷ ହେଲା କରୋନା ମହାମାରୀ ପାଇଁ, ଦିଲ୍ଲୀରେ ରହୁଥିବା ଗାନୁଆର ପୁଅ-ବୋହୂ ଗାଁକୁ ଆସିପାରି ନ ଥିଲେ । ଗାନୁଆ ବି ଆଗରୁ କେବେ ଟ୍ରେନରେ ବସି ବାହାର ରାଇଜକୁ ଯାଇ ନ ଥିବାରୁ ମତେ ତା'ସାଥିରେ ଦିଲ୍ଲୀ ଯିବାକୁ ଡାକିବାରୁ ମୁଁ ସାତଦିନ ଛୁଟିରେ ତା' ସହ ଗଲି । ଆମେ ଟ୍ରେନରେ ବସିବା ପରେ ଗାଡ଼ି ଛାଡ଼ିଲା । କେଇଘଣ୍ଟା ପରେ ଗାନୁଆ ମତେ ପଚାରିଲା-ଭାଇ ! ଏ ଗାଡ଼ି କୋଉ ଗଡ଼ିଆ ପଡ଼ିଆଥିବା ଜାଗା ଦେଖି ରହିବନି କି? ମୁଁ କହିଲି କାହିଁକି? ସେ କହିଲା, ''ଉଦର ଖଲାସ କରିଥିଲେ ମନ ଉଲ୍ଲାସିଆ ହୋଇଯାଇଥାନ୍ତା।'' ହସକୁ ଚପେଇ ଟ୍ରେନରେ ଥିବା ଶୌଚାଳୟକୁ ଦେଖେଇ କାମ ସାରିଆସିବାକୁ କହିଲି । ଟିକେ ସମୟ ପରେ ଓଠ ଫଟେଇ ମତେ ଗାଳି ଦେଇ କହିଲା... ଏତେ ଦହଗଞ୍ଜ ହେବାର ଜାଣିଥିଲେ, ମୋଟେ ଆସି ନ ଥାନ୍ତି । ବୁଝିଲା ବେଳକୁ କ'ଣନା ପଡ଼ିଆରେ ବସିଲା ପରି କମୋଡ଼ ପାଇଖାନା ଉପରେ ଗୋଡ ଟେକି ବସୁ ବସୁ, ଚଳନ୍ତା ଟ୍ରେନର ଦୋହଲାରେ ହାମୁଡ଼େଇ ପଡି ଓଠ ଫଟେଇଛି । ତେବେ ବହୁକଷ୍ଟରେ ତାକୁ ବୁଝେଇ ଇଣ୍ଡିଆନ ସିଟିଂ ଲାଟ୍ରିନରେ କାମ ସରେଇଲି ।

ଦିଲ୍ଲୀରେ ପହଞ୍ଚିବା ପରେ ପୁଅ-ବୋହୂ ଆସି ଆମକୁ ନେଇଗଲେ । ସେମାନେ ତାଙ୍କ ଭଡ଼ାଘରଠାରୁ ଅନ୍ତତଃ ପଚାଶ କିଲୋମିଟର ଦୂରରେ ଥିବା କୋଉ ମଲ୍ଟିନ୍ୟାଶନାଲ କମ୍ପାନୀରେ ଉଚ୍ଚ ବେତନରେ ଚାକିରିକରି ଦିନକୁ ବାରଘଣ୍ଟିଆ ଡିଉଟି କରନ୍ତି । ରାତିଥାଇ ଉଠି ନିତ୍ୟକର୍ମ ସାରି ରୋଷେଇକରି ତରବରରେ କ'ଣ ଦିଟା ଖାଇ ଉଭୟେ କମ୍ପାନୀ କି ବାହାରିଯିବା ଆଗରୁ ବଳକା ଖାଦ୍ୟକୁ ଥଣ୍ଡା ମିସିନୀ ଭିତରେ ରଖିଦେଇ ଯାଆନ୍ତି । ପୁଣି ବିଳମ୍ବ ରାତିରେ ଫେରି ତାକୁ ଗରମକରି ଖାଇ ଖୁବ୍ କମ ସମୟ ବିଶ୍ରାମ ଭିତରେ ପରଦିନ ଡିଉଟି କରି କମ୍ପାନୀ ହିତଚିନ୍ତାରେ ବ୍ୟସ୍ତଥାନ୍ତି । ଆମ ପାଇଁ ଯେମିତି ତାଙ୍କର ବେଳନାହିଁ । ତାଙ୍କ ହାବଭାବରୁ ମତେ ଲାଗୁଥିଲା ସେମାନଙ୍କ ପାଇଁ ଆମେ ବୋଝ । ଏଣେ ବୁଢ଼ାର ମନ ବଡ଼ଖରାପ ଯେ ଏଯାଏ ବାହାଘର ଛ' ବରଷ ପରେ ବି ଜେଜେ ଡାକ ଶୁଣିପାରିଲାନି । ତାଙ୍କୁ ବା ବେଳକାହିଁ... ଛୁଆଟିଏ ପାଇଁ ଚିନ୍ତାକରିବାକୁ । ଛୁଆହେଲେ ବଡ ଝାମେଲା । ଛୁଟିରେ ରହିବାମାନେ ଗୁଡ଼ାଏ କ୍ଷତି । ତା' ଛଡା ଡିଉଟିକି ଗଲେ କିଏ ଛୁଆକୁ ବାରଘଣ୍ଟା ମା' ବିନା ସମ୍ଭାଳି ଦାୟିତ୍ୱ ବୁଝିବ? ଗାଁ ରୁ ଆସି ବୁଢ଼ା କି ବୁଢ଼ୀ ରହିଲେ ବହୁ ଅସୁବିଧା । ଏତେସମୟ ବିନା ସାଙ୍ଗସାଥୀରେ ରହିବା ଅସମ୍ଭବ ।

ମୋଟା ରୋଜଗାରରେ ବହୁତ ବଡ ଦାମୀ ଖଟ ପଡ଼ିଛି । କାନ୍ଥ ଭଳିଆ ବଡ଼ ଏଲଇଡି ଟିଭି ଲାଗିଛି । ହେଲେ ସେଥିରେ ଶୋଇ ଟିଭି ଦେଖିବାକୁ କାହାକୁ ସମୟ କାହିଁ? ମୋଟା ଆୟକୁ ଭୋଗକରିବାକୁ କୋଳରେ ଭବିଷ୍ୟତ ନାହିଁ । ତା' ଛଡ଼ା ଗାନୁଆ ଗାଁର ଲକ୍ଷ ଲକ୍ଷ ଟଙ୍କାର ବେପାର, ଜମିବାଡ଼ି, ଘରଦ୍ୱାର ଛାଡ଼ି ଏଠି ରହି ଏତେ ମୋଟା ଆୟର କ୍ଷତି ସହିପାରିବନି ବୋଲି କହୁଥିଲା । ଅଭାବ ନୁହଁ ବରଂ ଆର୍ଥିକ କ୍ଷତି ସହି ନ ପାରିବା ପାଇଁ ଏମାନେ ସନ୍ତାନ ସୁଖରୁ ବଞ୍ଚିତ । ଏମାନଙ୍କୁ ଅନେଶତ ବେମାରୀ ଗ୍ରାସିଛି । ଯେତେ ଅର୍ଥବଳ ମିଳିଲେ ବି ଅଭାବ ତୃଷ୍ଣା ମେଣ୍ଟୁନି ।

ଆମେ ଫେରିବା ଆଗରୁ ସମସ୍ତେ ଥିଲାବେଳେ ଅବଶ୍ୟ ଅନେକ କଥା କହିଲି । ହେଲେ ଫଳାଫଳ ଶୂନ । ଏକଥା କହିଛି ଯେ, ଏ ଉଚ୍ଚଆୟ କାହାପାଇଁ? ନା ଅଛି ଆଖିରେ ନିଦର ଆନନ୍ଦ, ନା ଅଛି ଭଲଖାଇବା ବୁଲିବାର ସୁଖ... ନା ଅଛି ସନ୍ତାନର ଭଲପାଇବା ଓ ମମତାର ଆନନ୍ଦ । ମତେଲାଗୁଛି... ଉଚ୍ଚ ଆୟ, ସୁଖ ପାଇଁ ନୁହଁ ବରଂ ବଡ଼ ଦୁଃଖ ପାଇଁ ।

ମା'-ବାପା ପିଲାଙ୍କୁ ବଡକରେଇବାର ସ୍ୱପ୍ନରେ ବିଭୋରହୋଇ ବାସ୍ତବତାରୁ ଦୂରେଇ ଯାଉଛନ୍ତି । ପିଲାକୁ ଉଚ୍ଚଶିକ୍ଷା ଦେଇ ଏତେ ଉଚ୍ଚକୁ ଚଢେଇ ବସେଇଦିଅନ୍ତି ଯେ, ନା ପିଲାର ମଥା ତଳକୁ ନଇଁ ପାଦଛୁଇଁ ଆଶୀର୍ବାଦ ନେଇପାରେ, ନା ମା' ବାପାଙ୍କ ହାତ ଆଶିଷଦେବାକୁ ତା' ମଥାରେ ପହଞ୍ଚିପାରେ । ବେଶି ଉଚ୍ଚଗଛରୁ ଫଳ ତୋଳି ଖାଇହୁଏନି କି ତା' ଛାଇରେ ଶୋଇହୁଏନି । ଖାଲିଯାହା ଧୂ ଧୂ ଖରାର ଉତ୍ତାପ ସହି ଜିଇବାକୁ ପଡ଼େ । ଏଇ ଉଚ୍ଚଆୟ, ଆମକୁ ବହୁତକିଛି ମରିବାଯାଏ ଦେଇଯାଏ... ତାହାହେଲା ହାର୍ଟ, ଡାଇବେଟିସ୍, କିଡ୍ନୀ ବେମାରୀ ସହିତ ଫ୍ରିରେ ଉଚ୍ଚରକ୍ତଚାପ ।

ଦୁଇବନ୍ଧୁ ଫେରନ୍ତାଟ୍ରେନରେ ବସିଥାଉଁ । ଲୋକଟେ ଚିଲେଇ କହୁଥାଏ... ବଡ଼ା...ସମସା, ବଡ଼ା ସମସା... । ଗାନୁଆ ମତେ ପଚାରିଲା...ଏ ରେଳଗାଡ଼ିରେ ପୁଣି କି ବଡ ସମସ୍ୟା ହେଲା? ବରା, ସିଙ୍ଗଡ଼ା ବିକୁଥିବା ଲୋକଟାଆଡେ ଚାହିଁ ଭାବୁଥିଲି...ସେ ବି ତା' ପିଲା ଛୁଆ ପରିବାରରେ ରାତିରେ ଶାନ୍ତିରେ ଶୋଉଥିବ...ଆମଠୁ ନୀରୋଗ ରହୁଥିବ । ଗାନୁଆକୁ କହିଲି ସମସ୍ୟା ଟ୍ରେନର ନୁହଁ... ବରଂ ଆମଭଳି ଉଚ୍ଚଅର୍ଥ ଆୟ ଭାବନାରେ ଗାଁ ଗଣ୍ଡା ପରିବାର ଛାଡ଼ି, ଟ୍ରେନ ବା ଏରୋପ୍ଲେନ ଚଢି ବିଦେଶ ଯାତ୍ରାମୋହ ପାଇଁ ସମସ୍ୟା ବଢ଼ିଛି । ସୁଖ ଶାନ୍ତି ପ୍ରେମସମ୍ପର୍କରେ ବି ସମସ୍ୟା ଆସିଛି । ମନେପକା ମହାବାତ୍ୟା ହେଉ କି କରୋନାର କରୁଣ ପରିସ୍ଥିତି ହେଉ, ଅବା ଭୟଙ୍କର ଯୁଦ୍ଧସ୍ଥିତିରେ ବିକଳହୋଇ ବିଦେଶୀପୁଅର ଗାଁକୁ ଫେରୁଥିବାର ଚିତ୍ର ।

କିଛି ସମୟ ପରେ ଗାନୁଆ କହିଲା... ଭାଇ ! ମୋ ମୁଣ୍ଡଟା କାହିଁ ଭାରି ଘାଉଁରେଇ ଦେଉଛି । ପରବର୍ତ୍ତୀ ଷ୍ଟେସନରେ ଓହ୍ଲାଇ ତାକୁ ଡାକ୍ତରଖାନା ନେଲାବେଳେ ଭାବୁଥିଲି.. ଗାନୁଆର ଉଚ୍ଚଆୟ ସାଥିରେ ଉଚ୍ଚ ରକ୍ତଚାପ ବଢ଼ିଗଲା କି ଆଉ??

-ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ସାମାଜିକ ଗଣମାଧ୍ୟମ: ଓଡ଼ିଆ ଭାଷା ଓ ସାହିତ୍ୟ

**ସମ୍ପାଦନା: ଡ. ରମେଶ ଚନ୍ଦ୍ର ବେହେରା**
**ପ୍ରକାଶକ-ପେଜ୍‌ମେକର ପବ୍ଲିକେଶନ, ଭୁବନେଶ୍ୱର**
**ମୂଲ୍ୟ-୧୫୦ଟଙ୍କା**

ସାମାଜିକ ଗଣମାଧ୍ୟମ: ଓଡ଼ିଆ ଭାଷା ଓ ସାହିତ୍ୟ ପୁସ୍ତକକୁ ସମ୍ପାଦନା କରିଛନ୍ତି ଅଧ୍ୟାପକ ଡ. ରମେଶ ଚନ୍ଦ୍ର ବେହେରା । ଏଥିରେ ୨୧ଟି ଲେଖା ସ୍ଥାନିତ ହୋଇଛି । ସାମାଜିକ ଗଣମାଧ୍ୟମ ଏକ ମହାସ୍ରୋତ । ଫେସ୍‌ବୁକ୍, ହ୍ୱାଟସ୍ଆପ୍, ଟୁଇଟର, ଇନ୍‌ଷ୍ଟାଗ୍ରାମ୍, ଟେଲିଗ୍ରାମ୍, ୟୁଟ୍ୟୁବ୍, ବ୍ଲଗ୍, ଗୁଗଲ ସର୍ଚ୍ଚ, ସ୍ନାପଚାର୍ଟ ଓ ଊଚାର୍ଟ ଇତ୍ୟାଦିରେ ଓଡ଼ିଆ ଭାଷା ଓ ସାହିତ୍ୟର କ୍ରମବର୍ଦ୍ଧିଷ୍ଣୁ ଆବିର୍ଭାବ ଯେତିକି ଯୁଗୋପଯୋଗୀ ଏହାର ଭବିଷ୍ୟତ ସେତିକି ସମ୍ଭାବନାମୟ । କୌଣସି ନୂତନ ପଥରେ ଯାତ୍ରା ଖୁବ୍ ରୋମାଞ୍ଚକର ପୁଣି ବିପଦପୂର୍ଣ୍ଣ । ସେଥିଲାଗି ସତର୍କତା ଲୋଡ଼ା । କବି, ଲେଖକ, ଆଲୋଚକ, ପାଠକ, ଶ୍ରୋତା, ଅଧ୍ୟାପକ, ଛାତ୍ରୀଛାତ୍ର, ଗବେଷକ, ପ୍ରକାଶକ ଓ ବିତରକ ପ୍ରମୁଖ ସାମାଜିକ ଗଣମାଧ୍ୟମ ବିଷୟରେ ଜ୍ଞାନ ଆହରଣ କରିବା ଉଚିତ । ଏହି ଆହ୍ୱାନକୁ ପୂରଣ କରିବା ଦିଗରେ ପୁସ୍ତକଟି ପୃଥକୃତ୍ ଉଦ୍ୟମ । ପୁସ୍ତକଟି ସାମାଜିକ ଗଣମାଧ୍ୟମରେ କାମ କରୁଥିବା ସାମ୍ବାଦିକ, ଅଧ୍ୟାପକ, ବୁଦ୍ଧିଜୀବୀ ଓ ସାହିତ୍ୟିକ ଏବଂ ଅନ୍ୟାନ୍ୟ ପାଠିକା ପାଠକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଏ ।




### କବି ହେମନ୍ତ କୁମାର ରାଉତଙ୍କ କାବ୍ୟ ଦିଗନ୍ତ

**ଭଗବାନ ଖିଲାର**
**ପ୍ରକାଶକ- ଲେଖାଲେଖି, ଭୁବନେଶ୍ୱର**
**ମୂଲ୍ୟ- ୯୦ଟଙ୍କା**

କବି ହେମନ୍ତ କୁମାର ରାଉତଙ୍କ କାବ୍ୟ ଦିଗନ୍ତ ପୁସ୍ତକଟି ଭଗବାନ ଖିଲାରଙ୍କ ଗବେଷଣା ଗ୍ରନ୍ଥ । ଏହାକୁ ସେ ସାକ୍ଷାତ୍କାର ସହ ୬ଟି ଭାଗରେ ବିଭକ୍ତ କରିଛନ୍ତି । ଏଥିରେ କବି ହେମନ୍ତଙ୍କ ବିଷୟରେ ଅନେକ ତଥ୍ୟ ଦେଇଛନ୍ତି । କବିତା କାଳେ କାଳେ ସୌନ୍ଦର୍ଯ୍ୟାତ୍ମକ ଅନୁଶୀଳନର ଆଧାର । ଏହା ବୈଜ୍ଞାନିକ ସତ୍ୟ ନୁହେଁ କିମ୍ବା ବସ୍ତୁ ବିଶେଷ ମଧ୍ୟ ନୁହେଁ । ଏଥିରେ ମାନସିକ ଭାବାବେଗ ସହ ଅନୁଭୂତି ମଧ୍ୟ ଜଡ଼ିତ ହୋଇଥାଏ । ଏହା ବୃହତ୍ତର ଜୀବନବୋଧକୁ ପ୍ରତିଫଳିତ କରେ । ତେଣୁ କବି କୌଣସି ରୂପରେ ବଶବର୍ତ୍ତୀ ହୋଇ କବିତା ରଚନା କରେ ନାହିଁ । ବ୍ୟକ୍ତିଗତ ଅନୁଭୂତି ଯେତେବେଳେ ଆବେଗ ବନ୍ୟାରେ ପ୍ଳାବିତ ହୁଏ ସେତେବେଳେ ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ କବିତା ରଚନା ହୋଇଥାଏ । ଆଶା ପୁସ୍ତକଟି ଗବେଷକ ଏବଂ ହେମନ୍ତ ଅନୁରାଗୀଙ୍କୁ ବାନ୍ଧି ରଖିବ ।




### ଉଚ୍ଚ କର ଆଗ ନିଜ ମାତୃଭାଷା

**ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର**
**ପ୍ରକାଶକ-ସାମ୍ୟସାଥୀ ପାତ୍ର, ଭୁବନେଶ୍ୱର**
**ମୂଲ୍ୟ-୨୨୦ଟଙ୍କା**

ଉଚ୍ଚ କର ଆଗ ନିଜ ମାତୃଭାଷା ପୁସ୍ତକକୁ ସମ୍ପାଦନା କରିଛନ୍ତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର । ଏଥିରେ ୪୧ଟି ଲେଖା ସ୍ଥାନିତ ହୋଇଛି । ବର୍ତ୍ତମାନ ଓଡ଼ିଆ ଭାଷାର ବହୁଳ ଓ ବ୍ୟାପକ ଭାବରେ ବ୍ୟବହାର କରାଯାଇ କିଭଳି ବିଲୁପ୍ତିର ଆଶଙ୍କାରୁ ଉଦ୍ଧାର କରାଯାଇ ପାରିବ ଏ ଦିଗରେ ପ୍ରତ୍ୟେକ ଓଡ଼ିଆ କିମ୍ବା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ହିତୈଷୀମାନେ ବିଚାର ବିମର୍ଶ କରି କଠୋର ଉଦ୍ୟମ କରିବାର ସମୟ ଆସିଛି । ବିଶେଷକରି ଶିକ୍ଷାଳୟ, ନ୍ୟାୟାଳୟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ ତଥା ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ଓଡ଼ିଆ ଭାଷାକୁ ଉପଯୋଗ ନ କଲେ ଭାଷା ବ୍ୟବହାରକାରୀଙ୍କ ସଂଖ୍ୟା ହ୍ରାସ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହାକୁ ଦୃଷ୍ଟିରେ ରଖି ସଂକଳକ ବହୁ ଉଚ୍ଚକୋଟୀର ସାହିତ୍ୟ ସାଧକଙ୍କ ଲେଖା ପୁସ୍ତକଟିରେ ସ୍ଥାନିତ କରିଛନ୍ତି । ଯାହା ବର୍ତ୍ତମାନ ଓ ଉତ୍ତର ପିଢ଼ି ଲାଗି ଏକ ଚମତ୍କାର ଆଉ ସଂଗ୍ରହଣୀୟ ଗ୍ରନ୍ଥ ହୋଇ ରହିବ ଏଥିରେ ସନ୍ଦେହ ନାହିଁ ।



# ବିଲେଇ ସହ ବିବାହ

ବେଳେବେଳେ ଘରେ ରଖିଥିବା ପୋଷା ବିଲେଇ କୁକୁରଙ୍କୁ ତାଙ୍କର ମାଲିକ ଏତେ ଭଲ ପାଇବସନ୍ତି ଯେ, ତାଙ୍କଠାରୁ ଦୂରେଇ ଯିବାର ଭୟ ବି ମନରେ ରଖନ୍ତି। ଆଉ ସବୁବେଳେ ପାଖେ ପାଖେ ରହିବା ଲାଗି କିଛି ଅଜବ କାମ କରି ବସନ୍ତି। ଯେମିତିକି ୟୁକେରେ ରହୁଥିବା ଦେବୋରାହ ହୋଜ୍ କରିଛନ୍ତି। ସେ ନିଜର ପୋଷା ବିଲେଇକୁ ସବୁବେଳେ ନିଜ ପାଖରେ ରଖିବା ଲାଗି ତା'ସହ ବିବାହ କରିଛନ୍ତି। ୪୯ ବର୍ଷୀୟା ଦେବୋରାହ ନିକଟରେ ଏକ ପାର୍କରେ ତାଙ୍କର ଏହି ଅଜବ ବିବାହ ଉତ୍ସବର ଆୟୋଜନ କରିଥିଲେ। ତେବେ ଏଭଳି ନିଷ୍ପତ୍ତି ନେବା ପଛର କାରଣ ହେଉଛି, ତାଙ୍କ ଘର ମାଲିକାଣୀ ପେଟ୍ ରଖିବାକୁ ବିରୋଧ କରୁଥିଲେ। ଦେବୋରାହଙ୍କର ଦୁଇଟି କୁକୁର ଓ ଗୋଟିଏ ବିଲେଇ ଥିଲା। ୨୦୧୭ରୁ ଦେବୋରାହ ଏହି ପୋଷା ବିଲେଇକୁ ରଖିଛନ୍ତି। ବିଲେଇଟିକୁ ସେ ଜୀବନଠାରୁ ବେଶି ଭଲ ପାଉଥିଲେ। ଆଉ ତାଠୁ ଦୂରେଇ ଯିବା କଥା ଭାବି ପାରୁ ନ ଥିଲେ। ସେଥିପାଇଁ ସେ ନିଷ୍ପତ୍ତି ନେଲେ ପେଟ୍ ବିଲେଇ ସହ ବିବାହ କରିବେ। ଯଦ୍ୱାରା ସେମାନେ ସ୍ୱାମୀ ସ୍ତ୍ରୀ ହୋଇଯିବେ। ଆଉ କେହି ସେମାନଙ୍କୁ ଅଲଗା କରିପାରିବେନି। ବିବାହ ଦିନ ସେ ଟାକ୍ସିଡୋ ସୁଟ୍ ପିନ୍ଧି ନିଜର ପ୍ରିୟ ଗୋଲ୍ଡ ଲେମ



କ୍ୟାଟ୍ ସହ ବିବାହର ସବୁ ପ୍ରତିଜ୍ଞା ନେଇଥିଲେ। ଦେବୋରାହ ପୂର୍ବରୁ ବିବାହିତା ଓ ତାଙ୍କର ଦୁଇଟି ସନ୍ତାନ ବି ଅଛନ୍ତି। ତଥାପି ସେ ଏଭଳି ନିଷ୍ପତ୍ତି ନେଲେ। ଏହି ବିବାହରେ ତାଙ୍କର ଅନେକ ବନ୍ଧୁ ଯୋଗ ଦେଇଥିଲେ। ହେଲେ ତାଙ୍କ ପିଲାମାନେ ଯୋଗ ଦେଇ ନ ଥିଲେ। କାରଣ ସେମାନଙ୍କୁ ଏହା ପସନ୍ଦ ଆସି ନ ଥିଲା।





# ପ୍ୟାଡେଲ ନ ଥିବା ସାଇକେଲ

ଦୁଇଟି ବଡ଼ ବଡ଼ ଚକ ଓ ସେଇ ଦୁଇ ଚକକୁ ଆଗକୁ ଗଡାଇବା ଲାଗି ଦୁଇଟି ପେଡାଲ କଥା ଉଠିଲେ ହିଁ ମନକୁ ଆପଣା ଛାଏଁ ସାଇକେଲର ଛବି ଆସିଯାଏ। ହେଲେ ସାଇକେଲର ଏହି ଛବିକୁ ବଦଳାଇ ଏବେ ତିଆରି ହୋଇଛି ଏକ ଭିନ୍ନ ଧରଣର ସାଇକେଲ। ଯେଉଁଥିରେ ଦୁଇଟି ଚକ ଅଛି ସତ, ହେଲେ ନାହିଁ ପେଡାଲ। ବସିବା ପାଇଁ ସିଟ୍ ବି ନାହିଁ। ସିଟ୍ ରହୁଥିବା ସ୍ଥାନରୁ ହ୍ୟାଣ୍ଡଲ ପର୍ଯ୍ୟନ୍ତ ଏକ ଧନୁ ଆକାରର ରଡ ଲାଗିଛି। ଏହି ରଡର ତଳଭାଗକୁ ଝୁଲି ରହିଥିବା ବେଲ୍ଟରେ ବାନ୍ଧି ହୋଇ ଭୂମି ଆଡକୁ ମୁହଁ କରି ଝୁଲନ୍ତା ଅବସ୍ଥାରେ ପାଦରେ ଦୌଡି ଦୌଡି ଏହି ସାଇକେଲକୁ ଚଳାଇବାକୁ ହୁଏ। କିଛି ବାଟ ଦୌଡିବା ପରେ ପଛ ଚକର ଦୁଇ ପାର୍ଶ୍ୱରେ ଥିବା ପାଦ ରଖିବା ଲାଗି ସ୍ଥାନରେ ପାଦ ରଖି ବିଶ୍ରାମ ନେଇପାରିବେ। ତେବେ କିଛି ସମୟର ବିଶ୍ରାମ ପରେ ପୁଣିଥରେ ଦୌଡି ଉକ୍ତ ସାଇକେଲକୁ ଚଳାଇବାକୁ ହୁଏ। ସାଇକେଲରେ ଥିବା ସେହି ଧନୁ ଆକାରର ଫ୍ରେମଟି ଗ୍ଲାସ ଓ କାର୍ବନ ଫାଇବର୍‌ରେ ତିଆରି। ପ୍ରାୟ ୬ ଫୁଟ୍ ଉଚ୍ଚତାର ଲୋକଙ୍କ ପାଇଁ ଏହା ଡିଜାଇନ୍ ହୋଇଛି। 'ଫ୍ଲିଜ୍' ନାମକ ଉକ୍ତ ସାଇକେଲ ଦ୍ୱାରା ଉଭୟ ରନିଂ ଓ ବାଇକିଂର ମଜା ଉଠାଇ ହେବ।



# କାନ୍ଧରେ ଦୁଇଜଣଙ୍କୁ ଟେକି ଖେଳିଲେ ସ୍କିପିଂ

ସ୍କିପିଂ କରିବା ଏକ ଭଲ ବ୍ୟାୟାମ। ଯେଉଁମାନେ ଫିଟ୍ ରହିବାକୁ ଚାହାନ୍ତି ସେମାନେ ଏହାକୁ ନିଜ ବ୍ୟାୟାମର ରୁଟିନ୍‌ରେ ନିଶ୍ଚୟ ସାମିଲ କରନ୍ତି। ତେବେ ଜଣେ କିମ୍ବା ଦୁଇଜଣ ସାମ୍ନା ସାମ୍ନି ଠିଆ ହୋଇ ସ୍କିପିଂ ଖେଳିବା ଅନେକେ ଦେଖିଥିବେ। ହେଲେ ନିକଟରେ ତିନିଜଣ ଭିନ୍ନ ଧରଣର ସ୍କିପିଂ ଖେଳି ଚର୍ଚ୍ଚାର ପରିସରଭୁକ୍ତ ହୋଇଛନ୍ତି। ଦିଲ୍ଲୀର ଜମ୍ପ ରୋପ୍ ଫ୍ୟୁଜନ୍ କ୍ରୁର ସଦସ୍ୟ ହେଉଛନ୍ତି ଏହି ତିନିଜଣ। ଉକ୍ତ ଭିଡିଓରେ ଦେଖିବାକୁ ମିଳେ ଜଣେ ବ୍ୟକ୍ତିଙ୍କ କାନ୍ଧରେ ଅନ୍ୟ ଜଣେ ଯୁବକ ବସିଛନ୍ତି। ଆଉ କାନ୍ଧରେ ବସିଥିବା ଯୁବକଙ୍କ କାନ୍ଧ ଉପରେ ବସିଛନ୍ତି ଜଣେ ଯୁବତୀ। ମଝିରେ ଥିବା ଯୁବକଙ୍କ ହାତରେ ଥାଏ ଏକ ଲମ୍ବା ସ୍କିପିଂ ଦଉଡି। ମଝି ଯୁବକ ସ୍କିପିଂ ବୁଲାଇବା ସହ ତଳେ ଠିଆ ହୋଇଥିବା ଯୁବକ ଡେଇଁଥାନ୍ତି। ଆଉ ସବୁଠାରୁ ଉପରେ ଥିବା ଯୁବତୀ ସନ୍ତୁଳନ ରକ୍ଷା କରି ବସିଥାନ୍ତି। ଏହିଭଳିଭାବେ ଏକାସାଙ୍ଗରେ ତିନିଜଣ ସ୍କିପିଂ କରିପାରୁଛନ୍ତି। ଏହି କାରନାମାର ଭିଡିଓକୁ ଲୋକେ ବହୁତ ପସନ୍ଦ କରୁଛନ୍ତି। ଜମ୍ପ ରୋପ୍ ଫ୍ୟୁଜନ କ୍ରୁର ସଦସ୍ୟମାନେ ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟରେ ମଧ୍ୟ ଅଜବ କାରନାମା ଦେଖାଇ ଜଜ୍‌ଙ୍କ ସହ ଦର୍ଶକଙ୍କର ମନ ଜିଣିଥିଲେ।

